## ୯ ଗାଈ ଉଦ୍ଧାର, କାର୍ ଜବତ

**ତିହିଡ଼ି,୬।୧୧(ସଞ୍ଜିତ ବଳ)**

ଭଦ୍ରକ –ଚାନ୍ଦବାଲି ରାଜ୍ୟ ରାଜପଥର କୋହ୍ଲ ବଜାର ନିକଟରୁ ମଙ୍ଗଳବାର ପୋଲିସ ଏକ କାରରେ ଚାଲାଣ କରାଯାଉଥିବା ୯ଟିଗାଈକୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୪୯୬/୨୪) ରୁଜୁ କରି ସେହି କାରକୁ ଜବତ କରିଥିବା ଜଣାପଡ଼ିଛି। ଏକ ମହିନ୍ଦ୍ରା କାର୍‌ରେ ଗାଈ ବୋଝେଇ ହୋଇ ଭଦ୍ରକ ଅଭିମୁଖେ ଚାଲାଣ ହେଉଥିବା ଖବର ପାଇ ଏଏସ୍‌ଆଇ କମଳାକାନ୍ତ ଶତପଥୀ ଓ ଲକ୍ଷଣ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ପୋଲିସକୁ ଦେଖି କାର ଚାଳକ ଓ ଚାଲାଣକାରୀ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ କାର୍ ଭିତରୁ ୯ଟି ଗାଈକୁ ଉଦ୍ଧାର କରିଥିଲା। ଉଦ୍ଧାର ହୋଇଥିବା ଗାଈଗୁଡ଼ିକୁ ମଇତାପୁରସ୍ଥିତ ଗୋଶାଳାରେ ଛଡ଼ା ଯାଇଛି।

## ରଜତ ଜୟନ୍ତୀ ଉତ୍ସବ

**ଭଦ୍ରକ,୬।୧୧(ସନାତନ ରାଉତ)**

ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରଜତ ଜୟନ୍ତୀ ପାଳିତ ହୋଇଯାଇଛି। ଭଦ୍ରକ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ମଞ୍ଜୁ ଭଉଣୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ମାଉଣ୍ଟଆବୁ ରାଜସ୍ଥାନର ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ରୁକ୍ମଣୀ ଦିଦି ଯୋଗଦେଇ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ସମ୍ଭବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ କଲେଜ ପଦାର୍ଥ ବିଜ୍ଞାନର ମୁଖ୍ୟ ଡ. ରଜତ କୁମାର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟଅତିଥିଙ୍କୁ ଭଦ୍ରକ ସହର ବାଇପାସ୍ ଶନିମନ୍ଦିର ଛକଠାରୁ ଶୋଭାଯାତ୍ରାରେ ସଭାକେନ୍ଦ୍ରକୁ ପାଛୋଟି ଅଣାଯାଇଥିଲା। ବ୍ରହ୍ମକୁମାରୀ ମଧୁସ୍ମିତା ମଞ୍ଚ ସଞ୍ଚାଳନ କରିଥିବା ବେଳେ ବ୍ରହ୍ମକୁମାର ସୌଭାଗ୍ୟ ଧନ୍ୟବାଦ ଦେଇଥିଲେ।

# ଚରମ୍ପା କାଳୀପୂଜାରେ ଜମୁଛି ଭିଡ଼



ଏରେଇଁ ପୂଜା ମଣ୍ଡପ ତୋରଣ।

- ୧୧ ବର୍ଷରେ ଏରେଇଁ କାଳୀପୂଜା
- ଆକର୍ଷଣର କେନ୍ଦ୍ରବିନ୍ଦୁ ସୁନେଲି ରଙ୍ଗର ତୋରଣ

**ଭଦ୍ରକ,୬।୧୧(ସନାତନ ରାଉତ)**

ଭଦ୍ରକ ଚରମ୍ପାରେ ଚାଲିଥିବା ଐତିହାସିକ କାଳୀପୂଜା ପାଇଁ ଦିନକୁ ଦିନ ଭିଡ଼ ବଢ଼ିଚାଲିଛି। ଅପରାହ୍ନ ୨ଟା ପରେ ରାତି ୧୧ଟା ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ଜମୁଛି। ଜିଲା ତଥା ଜିଲା ବାହାରୁ ଆସୁଥିବା ଲକ୍ଷାଧିକ ଲୋକଙ୍କ ଭିଡ଼ ପୋଲିସ ପ୍ରଶାସନ ଓ ପୂଜା କମିଟି କର୍ମକର୍ତ୍ତାଙ୍କୁ ନାକେଦମ୍ କରୁଛି। ଚଳିତ ବର୍ଷ ଚରମ୍ପାରେ ୯ଟି ମଣ୍ଡପ ସହ ଭଦ୍ରକ ରାଜଘାଟଠାରେ ଗୋଟିଏକୁ ମିଶାଇ ୧୦ଟି ମଣ୍ଡପରେ ପୂଜା ଚାଲିଥିବା ବେଳେ ଚରମ୍ପା ବଜାର ଉତ୍ସବମୁଖର ହୋଇଛି। ସୁନ୍ଦର ଆଲୋକସଜ୍ଜା ଓ ସୁଉଚ୍ଚ ତୋରଣ ସାଙ୍ଗକୁ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ବିଭିନ୍ନ ସଚେତନଧର୍ମୀ ପାର୍ଶ୍ୱମୂର୍ତ୍ତି ଲୋକଙ୍କୁ ଆକୃଷ୍ଟ କରୁଛି। ପଶ୍ଚିମବଙ୍ଗ, ରାଜସ୍ଥାନ, ଉତ୍ତରପ୍ରଦେଶରୁ ଆସିଥିବା ବ୍ୟବସାୟୀମାନେ ବିଭିନ୍ନ ଘରକରଣା ସାମଗ୍ରୀ ସାଙ୍ଗକୁ ଲୁହା, ଷ୍ଟିଲ, କାଠ ସାମଗ୍ରୀର ପସରା ମେଲାଇଛନ୍ତି। ଫାଷ୍ଟଫୁଡ଼, ଠୁଙ୍କାପୁରୀ, ଚାଟ୍, ଗୁପ୍‌ଚୁପ୍ ସାଙ୍ଗକୁ ମୀନାବଜାର ଓ ଦୋଳିର ମଜା ନେଉଛନ୍ତି।

ଏରେଇଁ ପୂଜା ମଣ୍ଡପରେ ଚଳିତବର୍ଷ ମା’ଙ୍କ ପୂଜା ୧୧ ବର୍ଷରେ ପହଞ୍ଚିଛି। ସଭାପତି ଅମୟ କୁମାର ରାଉତ, ସମ୍ପାଦକ ରାଜକିଶୋର ଶତପଥୀ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୂଜା ଅନୁଷ୍ଠିତ ହୋଇଛି। ପଶ୍ଚିମବଙ୍ଗର କାରିଗରମାନଙ୍କ ଦ୍ୱାରା ସୁନେଲୀ ରଙ୍ଗର ସୁଉଚ୍ଚ ତୋରଣ ଓ ବ୍ରହ୍ମଗିରିର କାରିଗରମାନଙ୍କ ଦ୍ୱାରା ମଣ୍ଡପ ସାଜସଜ୍ଜା ବେଶ୍ ଆକର୍ଷଣୀୟ ହୋଇଛି। ନିଶା ନିବାରଣ ସଚେତନତା ଓ ପୌରାଣିକ କିମ୍ବଦନ୍ତୀକୁ ନେଇ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇଛି।

## ବିକ୍ରି ହେଉଛି ମାଛଧରା ଜାଲ



କାଳୀପୂଜା ପାଇଁ ଲାଗିଥିବା ମେଳାରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ବିକ୍ରି ହେଉଥିବା ବେଳେ ମାଛଧରା ଜାଲ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗରୁ ଆସିଥିବା ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି କରିବା ସହ ମାଛଜାଲ ମଧ୍ୟ ବିକ୍ରି କରୁଛନ୍ତି। ମେଳା ମଧ୍ୟରେ ବିଭିନ୍ନ ରଙ୍ଗର ମାଛଧରା ଜାଲ ବିକ୍ରି ହେଉଛି।

## ପଥରକାଳୀ ଯିବା ପାଇଁ ରେଳ ଫୁଟ୍ ବ୍ରିଜ୍ ମାଧ୍ୟମ



ରେଳ ଫୁଟ୍‌ବ୍ରିଜ୍‌ରେ ଲୋକଙ୍କ ଭିଡ଼।

ଚରମ୍ପା ରେଳ ଷ୍ଟେଶନ ଅପରପଟରେ ପଥରକାଳୀ ପୂଜା ମଣ୍ଡପ ଅବସ୍ଥିତ। ମା’ଙ୍କ ସ୍ଥାୟୀ ପଥର ମୂର୍ତ୍ତି ମନ୍ଦିରରେ ପୂଜା ପାଉଥିବା ବେଳେ କାଳୀପୂଜା ପାଇଁ ପାର୍ଶ୍ୱମୂର୍ତ୍ତି ସହ ମଣ୍ଡପକୁ ସୁସଜ୍ଜିତ କରାଯାଇଛି। ଏହି ମଣ୍ଡପକୁ ଯିବା ପାଇଁ ରେଳ ଷ୍ଟେଶନ ବାଧକ ସାଜିଥିବା ବେଳେ ରେଳ ଫୁଟ୍ ଓଭରବ୍ରିଜ ମାଧ୍ୟମ ସାଜିଛି। ଗୋଟିଏ ଓଭରବ୍ରିଜ୍‌ରେ ପ୍ରବେଶ ଓ ଅନ୍ୟ ଏକ ଓଭରବ୍ରିଜ୍‌ରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଥିବା ବେଳେ ଉଭୟ ବ୍ରିଜ୍‌ରେ ପୋଲିସ ମୁତୟନ ରହି ଧାଡ଼ିରେ ଲୋକଙ୍କୁ ଛାଡ଼ୁଛନ୍ତି।

## ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ମା’ ଭଦ୍ରକାଳୀ

**ଭଦ୍ରକ,୬।୧୧(ସନାତନ ରାଉତ/ ରବିନାରାୟଣ ଖିଲାର)**

**୭ ଦିନ ଧରି ଚାଲିଥିବା ମହାଯଜ୍ଞର ପୂର୍ଣ୍ଣାହୁତି**



ମା’ ଭଦ୍ରକାଳୀଙ୍କ ମହାଲକ୍ଷ୍ମୀ ବେଶ।

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ପୀଠରେ ଦୀପାବଳିଠାରୁ ୭ଦିନ ଧରି ଚାଲିଥିବା ମହାଯଜ୍ଞର ବୁଧବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଛି। ଏହାସହ ଭଦ୍ରକାଳୀଙ୍କର ସପ୍ତମାତୃକା ବେଶର ଅନ୍ତିମ ଦିବସରେ ମା’ ମହାଲକ୍ଷ୍ମୀ ବେଶରେ ପୂଜା ପାଇଛନ୍ତି। ମହାଲକ୍ଷ୍ମୀ ବେଶ ଦର୍ଶନ ପାଇଁ ସକାଳଠାରୁ ଭକ୍ତମାନଙ୍କର ପ୍ରବଳ ଗହଳି ଲାଗି ରହିଥିଲା। ଏହି ବେଶରେ ମା’ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହେବା ସହ ହଳଦିଆ ପାଟବସ୍ତ୍ର ପରିଧାନ କରିଥିଲେ। ଗଜ ଓ ପେଚା ମା’ଙ୍କର ବାହନ ହୋଇଥିବା ବେଳେ ମୁଖମଣ୍ଡଳ ହଳଦୀବର୍ଣ୍ଣ ହୋଇଥିଲା। ବାମ ହସ୍ତଯୁଗଳରେ ଶଙ୍ଖ ଓ ଗଦା ଧାରଣ କରିଥିବା ବେଳେ ଦକ୍ଷିଣ ହସ୍ତ ଯୁଗଳରେ ଚକ୍ର ଓ ପଦ୍ମଧାରଣ କରି ଚତୁର୍ଭୁଜା ରୂପରେ ଦର୍ଶନ ଦେଇଛନ୍ତି। ଏହି ବେଶରେ ମା’ଙ୍କୁ ଦର୍ଶନ କଲେ ସମସ୍ତ ମାନସିକ ପୂରଣ ହେବା ସହିତ ଧନଧାନ୍ୟ, ଗୋପ, ଲକ୍ଷ୍ମୀ, ଯଶ, ଐଶ୍ୱର୍ଯ୍ୟପ୍ରାପ୍ତ ହୋଇଥାଏ ବୋଲି ଭକ୍ତଙ୍କର ବିଶ୍ୱାସ ରହିଛି। ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅବସରରେ ପୁରୋହିତ ଗୀତା ପାଠ, ବେଦ ପାଠ କରିବା ସହ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମଧ୍ୟାହ୍ନରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତପ୍ରସାଦ ସେବନ କରିଥିଲେ।

ପୂର୍ଣ୍ଣାହୁତି ପର୍ବରେ ଜିଲାପାଳ ଦିଲ୍ଲୀପ ରାଉତରାଏ , ଉପ ଜିଲା ପାଳ ସୌରଭ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ, ରାଜନେତା ଓ ସାମାଜିକ କର୍ମୀ ପୀଠରେ ଉପସ୍ଥିତ ଥିଲେ। ସେବାୟତମାନଙ୍କ ମଧ୍ୟରେ ମନ୍ଦରଧର ଦିକ୍ଷିତ, ଦିପୁନ ଦିକ୍ଷିତ, ଅନୁଗ୍ରହ ଦିକ୍ଷିତ, ଶେଖର ମହାପାତ୍ର, କୃଷ୍ଣ ପ୍ରସାଦ ଦିକ୍ଷିତ, ଜୀବନ ଦିକ୍ଷିତ,ଭାଗିରଥି ଦିକ୍ଷିତ,ମଦନ ମୋହନ ଦିକ୍ଷିତ ପଞ୍ଚାନନ ଦିକ୍ଷିତ, ଶରତ ପଣ୍ଡା, ଅରବିନ୍ଦ ଦିକ୍ଷିତ, ନିକୁଞ୍ଜ ଦିକ୍ଷିତ, ପ୍ରଶାନ୍ତ ଦିକ୍ଷିତ, ସୁଶାନ୍ତ ପଣ୍ଡା, ପ୍ରଫୁଲ୍ଲ ସାହୁ, ବାପି ଦିକ୍ଷିତ, ନିତ୍ୟାନନ୍ଦ ଦିକ୍ଷିତ, ପ୍ରଦୀପ ପଣ୍ଡା, ଗୋପ ବନ୍ଧୁ ଦିକ୍ଷିତ,କୁଳମଣି ଦିକ୍ଷିତ ଏବଂ ପୀଠର ସମସ୍ତ ପୂଜକ ସେବାୟତମାନେ ନିଜ ନିଜ ଦାୟିତ୍ୱ ସମ୍ପନ୍ନ କରିଥିଲେ।

## ସୁରଭି ମୂଲ୍ୟାୟନରେ ପାତରଅନ୍ତର ଅଭିଯୋଗ

**ଭଣ୍ଡାରିପୋଖରୀ,୬।୧୧(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ‘ସୁରଭି’ ମହୋତ୍ସବରେ ଓଡ଼ିଶା ଲୋକନୃତ୍ୟ ଆଧାରିତ ଦଳଗତ ନୃତ୍ୟ ପ୍ରତିଯୋଗିତାର ମୂଲ୍ୟାୟନକୁ ନେଇ ପାତର ଅନ୍ତର ହୋଇଥିବା ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଏନେଇ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ମଙ୍ଗଳବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ବୁଧବାର ଏନେଇ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ବ୍ଲକର ୧୭ଟି ସାଧନକେନ୍ଦ୍ରରୁ ଗୋଟିଏ ମାତ୍ର ଦଳକୁ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତା ପାଇଁ ଅନୁମତି ମିଳିବା ନିୟମାବଳୀ ଥିଲା। ହେଲେ ଏହାକୁ ଉଲ୍ଲଙ୍ଘନ କରାଯାଇ ୧୯ଟି ଦଳକୁ ପଞ୍ଜୀକୃତ କରାଯାଇଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ସେହିପରି ଅପ୍ରାସଙ୍ଗିକ ନୃତ୍ୟ ପରିବେଷଣ କରିଥିବା ଦଳକୁ କିଭଳି ପ୍ରଥମ ସ୍ଥାନ ବିଚାରକମାନେ ଦେଲେ ଓ ବ୍ଲକ ଶିକ୍ଷାଧିକାରୀ ତାହାକୁ ଗ୍ରହଣ କଲେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଗତ ଗୁରୁବାର ଅନୁଷ୍ଠିତ ପ୍ରତିଯୋଗିତାକୁ ୪ ଦିନ ଅତିକ୍ରାନ୍ତ ହୋଇଥିଲେ ବି ଫଳାଫଳ ଜିଲାସ୍ତରକୁ ପଠା ନ ଯିବା ଓ ଫଳାଫଳ ଫର୍ଦ୍ଦକୁ ଟାମ୍ପରିଂ କରାଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ୩ଜଣ ବିଚାରକ ଅଭିଯୋଗକାରୀ ଛାତ୍ରୀ ଦଳଙ୍କ ନୃତ୍ୟକୁ ମୋଟ ୨୫ ନମ୍ବର ଦେଇଥିଲେ। ମାତ୍ର ପ୍ରଥମ ଘୋଷିତ ଦଳକୁ ପ୍ରଥମେ ୧୫ ନମ୍ବର ଦିଆଯାଇଥିଲା। ପରେ ତାହାକୁ କାଟି ୨୮ ନମ୍ବର କରାଯାଇଛି ବୋଲି ଏ ସମ୍ପର୍କରେ ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ଅନିୟମିତତା ଅଭିଯୋଗକୁ ବିଇଓ ଅଧୀର କୁମାର ତରାଇ ଅସ୍ୱୀକାର କରିଛନ୍ତି। ସେହିପରି ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ସୁରଭି ମହୋତ୍ସବର ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ପ୍ରତି ଅବିଚାର କରାଯାଇଛି ବୋଲି ବୁଧବାର ସମ୍ପୃକ୍ତ ଛାତ୍ରୀମାନେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ‘ସୁପ୍ତ ପ୍ରତିଭାର ବିକାଶ ଶିଶୁ ମନରେ ପୁଲକ ଆଣେ’



କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

**ଭଦ୍ରକ,୬।୧୧(ସନାତନ ରାଉତ)**

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଜିଲା ସଂସ୍କୃତି ଭବନ ପରିସରରେ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ‘ମହକ’ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ବରେଣ୍ୟ ଅତିଥି ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ଅନ୍ୟତମ ଅତିଥିଙ୍କ ମଧ୍ୟରେ ପୂର୍ବତନ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ଶିଶୁ ମଙ୍ଗଳ କମିଟିର ସଦସ୍ୟା ଭାରତୀ ଦାଶ, ବାଲ୍ୟ ବିବାହ ସଂଯୋଜକ ପ୍ରଦ୍ୟୁତ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବିଶ୍ୱ ନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରତ୍ୟେକ ଶିଶୁଙ୍କ ସୁପ୍ତ ପ୍ରତିଭାର ବିକାଶ ହେଲେ ଶିଶୁ ମନରେ ପୁଲକ ଆସେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଶିଶୁ ଅନ୍ତେବାସୀଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରରେ ପଞ୍ଜୀକୃତ ୯ ଗୋଟି ଶିଶୁ ଆଶ୍ରୟସ୍ଥଳୀରୁ ମୋଟ ୧୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଯୋଗଦେଇ ଶିଶଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ଶାଖାର ଆନୁଷ୍ଠାନିକ ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ପରିଚାଳନା କରିଥିଲେ। ସ୍ୱାଗତିକା ବାରିକ୍, ଧନଞ୍ଜୟ ଜେନା, ସସ୍ମିତା ନାୟକ, ରିୟାଜ ଅହମ୍ମଦ, ଦମୟନ୍ତୀ ଦାଶ, ଧିରଜ ବାରିକ୍, ମହେଶ ଚନ୍ଦ୍ର ଦାଶ ସହଯୋଗ କରିଥିଲେ। ଆଇନ୍ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ଅଂଶ ଗ୍ରହଣକାରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# କ୍ଷେତରୁ ଖସୁନି ବନ୍ୟା ପାଣି



ପାଣିରେ ପଡ଼ିଯାଇଥିବା ଧାନଗଛକୁ ଉଠାଉଛନ୍ତି ଜଣେ ଚାଷୀ।

**ଧାନ ଅମଳ ନେଇ ଚିନ୍ତାରେ ଚାଷୀ**

**ତିହିଡ଼ି,୬।୧୧(ସଞ୍ଜିତ ବଳ)**

ପ୍ରାୟତଃ ଆଉ ୧୫ଦିନ ପରେ ଧାନ ଅମଳ ଆରମ୍ଭ ହୋଇଯିବ। ବାତ୍ୟା ଦାନା ଓ ପରେ ବନ୍ୟା ଯୋଗୁ ଏବେ ବି ଧାନ କ୍ଷେତରେ ପାଣି ଜମି ରହିଛି। ଜମିରୁ ବନ୍ୟା ପାଣି ଖସୁ ନ ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ତିହିଡ଼ି ବ୍ଲକ୍‌ର କେତେକ ପଞ୍ଚାୟତରେ ଏହି ସମସ୍ୟା ଉପୁଜିଥିବା ବେଳେ ପାଣିରେ ପଡ଼ିଯାଇଥିବା ଧାନଗଛ ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ପ୍ରକାଶ ଯେ, ଚଳିତ ଖରିଫ ଋତୁରେ ବିଳମ୍ବରେ ଧାନଚାଷ ଆରମ୍ଭ ହୋଇଥିଲା। ନଈକୂଳିଆ ଅଥବା ଜଳସେଚନ ସୁବିଧା ଥିବା କିଛି ପଞ୍ଚାୟତକୁ ବାଦ୍ ଦେଲେ ଅଧିକାଂଶ ଅଞ୍ଚଳରେ ଏହି ସମସ୍ୟା ଦେଖା ଦେଇଥିଲା। ବର୍ଷାରେ ଅନିୟମିତତା ପାଇଁ ଚାଷୀମାନେ ଶ୍ରାବଣ ମାସ ଅଧା ଅଧି ଯାଏ କ୍ଷେତକୁ ବାହାରି ପାରି ନ ଥିଲେ। ବର୍ଷା ପରେ ଚାଷ ଆରମ୍ଭ ହୋଇଥିଲା। ତେବେ ଗର୍ଭଣା ସଂକ୍ରାନ୍ତି ବେଳକୁ ପ୍ରାୟ ୫୦ ପ୍ରତିଶତ ଧାନ ଗଛରେ ଥୋଡ଼ ବାହାରି ସାରିଥିଲା। ବାତ୍ୟା ଦାନା ସମୟରେ ପବନ ଯୋଗୁ କିଛି କ୍ଷେତରେ ଧାନ ଗଛ ତଳେ ପଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଥୋଡ଼ ବାହାରୁ ଥିବା ଧାନ ଅଗାଡ଼ି ହେବାର ମଧ୍ୟ ଆଶଙ୍କା ଉପୁଜିଥିଲା। ତେବେ ବାତ୍ୟା ପରେ ବନ୍ୟା ପାଇଁ ବ୍ଲକ୍‌ର ୧୦ ପଞ୍ଚାୟତ ବାହାବଳପୁର, ସୟା, ଆଚକ, ଗୁଆମାଳ, ଦୋଳସାହି, ବିଲଣା, ତାଳଗୋପବିନ୍ଧା, କୁବେରା, କାଁପଡ଼ା, ଶ୍ୟାମସୁନ୍ଦରପୁରରେ ଏହି କ୍ଷତି ହୋଇଥିଲା। କେତେକ ସ୍ଥାନରେ ଚାଷ ଜମି ଜଳମଗ୍ନ ମଧ୍ୟ ହୋଇଯାଇଥିଲା। ଏବେ ପ୍ରାୟ ସମସ୍ତ ଅଞ୍ଚଳରେ ଧାନ ଗଛରୁ କେଣ୍ଡା ବାହାରି ସାରିଛି। ଅଳ୍ପ କିଛି ଅଞ୍ଚଳରେ ଧାନ ପଚିବା ଆରମ୍ଭ କରିଛି। ତେବେ ଧାନ ଅମଳ ବେଳକୁ ଜମିରୁ ପାଣି ନିଷ୍କାସନ ହୋଇ ନ ଥିଲେ ଚାଷୀମାନେ ଧାନ କାଟିବା ସମୟରେ ଦୁର୍ଦ୍ଦଶା ଭୋଗିବାର ସମ୍ଭାବନା ଥିବାରୁ ଏହା ଚାଷୀଙ୍କୁ ଚିନ୍ତାରେ ପକାଇଛି। ତେବେ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି। ତଦନୁଯାୟ,। ବ୍ଲକ୍‌ରେ ମୋଟ ୨୦ହଜାର ୫୩୮ ହେକ୍ଟର ଜମିରେ ଧାନ ଚାଷରୁ ୮ ହଜାର ୫୪୫ ହେକ୍ଟର ଜମିରେ ଧାନ ଚାଷ ପ୍ରଭାବିତ ହୋଇଥିବା ଦର୍ଶାଯାଇଥିଲା। ବ୍ଲକ୍ କୃଷି ଅଧିକାରୀ ଅମର ସାହୁ କହିଛନ୍ତି, ଚାଷ ଜମିରୁ ପାଣି ନିଷ୍କାସନ ହୋଇ ନ ପାରିଲେ ଅମଳ ପ୍ରଭାବିତ ହେବ।

## ଆଲୋକମାଳାରେ ଝଲସୁଛି ରାଜଘାଟ କାଳୀପୂଜା



**ଭଦ୍ରକ,୬।୧୧(ରବିନାରାୟଣ ଖିଲାର)**

ଭଦ୍ରକର ଚରମ୍ପାରେ ନଅ ଗୋଟି କାଳୀପୂଜା ମଣ୍ଡପରେ ମା’ଙ୍କ ପୂଜା କରାଯାଉଛି। ଭଦ୍ରକର ରାଜଘାଟଛକର କାଳୀପୂଜା ମୁଖ୍ୟ ଆକର୍ଷନ ପାଲଟିଛି। ଅଞ୍ଚଳ ଆଲୋକମାଳାରେ ଝଲସୁଥିବା ବେଳେ ପୂଜା ଦେଖିବାକୁ ରାଜ୍ୟ ବାହାରୁ ଲୋକଙ୍କ ସମାଗମ ହେଉଛି। ପୂଜାମଣ୍ଡପ, ପାର୍ଶମୂର୍ତ୍ତି, ତୋରଣ, ଆଲୋକସଜା, ମୀନାବଜାର ଲୋକଙ୍କ ମନ ଜିଣୁଛି। ଚିତ୍ରଶିଳ୍ପୀଙ୍କ ଦ୍ୱାରା ରାମାୟଣ ମହାଭାରତ ଓ ଶକ୍ତି ସଂଚିତ ରାକ୍ଷସର ବାରୁଆଲି ଲୋକଙ୍କୁ ଆକର୍ଷିତ କରୁଛି। ୧୯୭୨–୭୩ମସିହାରୁ ଆରମ୍ଭ ହୋଇଥିବା ପୂଜା ପୂର୍ବତନ ମନ୍ତ୍ରୀ ବୈରାଗୀ ଜେନା, ବାଙ୍ଗୁର ବାବୁ, ସଭାପତି ଅଶୋକ ନାୟକଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ପୂଜା ୫୨ବର୍ଷରେ ପହଞ୍ଚିଛି। ସଭାପତି ଅଶୋକ ନାୟକ, ସମ୍ପାଦକ ବ୍ରଜଗୋପାଳ ଦାସ, କୋଷାଧ୍ୟକ୍ଷ ଆଶିଷ ଅମିତାଭ ମହାପାତ୍ର, ଗୌର ଗୋପାଳ ମହାନ୍ତି, ଆଲୋକ ନାୟକ ବିକି ଦାସ, ରାଜେଶ ନାୟକ, ଜି ଶିବସଙ୍କର, ଲକ୍ଷ୍ମୀଧର ଜେନା, ଦେବେନ୍ଦ୍ର ବାରିକ, ଗିରିଶ ଦାସ, ଶୁଭେନ୍ଦୁ ମଲ୍ଲିକ, ମୁନା ସିଂ, ଶାନ୍ତନୁ ଦଳେଇ ପ୍ରମୁଖ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପରେ ଚଳିତ ବର୍ଷ ୫୨ବର୍ଷର ପୂଜା ପାଳନ କରୁଛନ୍ତି। ପୂଜା ମଣ୍ଡପରେ ବିଧାୟକ ସୀତାଂଶୁ ଶେଖର ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ମା’ଙ୍କ ଦର୍ଶନ କରିଛନ୍ତି।

# ଅନୁପସ୍ଥିତ ଅଧିକାରୀଙ୍କୁ ଦିଆଯିବ କାରଣ ଦର୍ଶାଅ ନୋଟିସ

- ଜିଲାସ୍ତରୀୟ ଦିଶା ବୈଠକ
- ଜାତୀୟ ରାଜପଥ କାର୍ଯ୍ୟକୁ ନେଇ ଅସନ୍ତୋଷ




ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

**ଭଦ୍ରକ,୬।୧୧(ସନାତନ ରାଉତ)**

ଭଦ୍ରକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତଙ୍କ ପୌରହିତ୍ୟରେ ଦିଶା କମିଟିର ଅଧ୍ୟକ୍ଷ ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ଦିଲ୍ଲୀପ ରାଉତରାଏ, ଜିଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ମନ୍ତ୍ରୀ ତଥା ଧାମନଗର ବିଧାୟକଙ୍କ ପ୍ରତିନିଧି ଅଶୋକ ପୁହାଣ ଓ ସମସ୍ତ ବ୍ଲକ, ପୌରାଞ୍ଚଳ, ଏନ୍‌ଏସି ଅଧ୍ୟକ୍ଷ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଡ୍ରେନେଜ, ପୂର୍ତ୍ତ ଆଦି କେତେକ ବିଭାଗର ମୁଖ୍ୟ ଅଧିକାରୀ ଅନୁପସ୍ଥିତ ଥିବାରୁ ବୈଠକରେ ଏମ୍‌ପି ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୧୬ ନଂ ଜାତୀୟ ରାଜପଥ ଆରଡ଼ିଛକ, ମୋଟେଲ ଛକ, ରାଣୀତାଲ ଆଦି ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା କରିବାକୁ ଗୁରୁତ୍ୱ ଦେଇଥିଲେ। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଚଣ୍ଡିଖୋଲ ଠାରୁ ରାଣୀତାଲ ପର୍ଯ୍ୟନ୍ତ ଭଦ୍ରକ ଲୋକସଭା ଅଧିନ ବିଭିନ୍ନ ସ୍ଥାନରେ ହେଉଥିବା ଗଳାପୋଲ, ଓଭରବ୍ରିଜ୍ ଓ ମରାମତି କାମ ମନ୍ଥରତା ନେଇ ଏମ୍‌ପି ଓ ବିଧାୟକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ଏସବୁ କାମ ଶେଷ କରିବାକୁ ତାଗିଦ୍ କରିଥିଲେ। ଧାମନଗରରେ ବନ୍ୟା ସୃଷ୍ଟି କରୁଥିବା କଣ୍ଟିଘାଇକୁ ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ରାନ୍ଦିଆ ଫେକର କମ୍ପାନୀ ସିଏସ୍‌ଆର୍ ଫଣ୍ଡରେ ସ୍ଥାନୀୟ ୬ଟି ପଞ୍ଚାୟତରେ ଆବଶ୍ୟକୀୟ ଉନ୍ନୟନ କାର୍ଯ୍ୟ କରି ନ ଥିବାରୁ ଫେକର କମ୍ପାନୀର ଡେପୁଟି ହେଡଙ୍କୁ ତାଗିଦ୍ କରିଥିଲେ। ଉକ୍ତ ପଞ୍ଚାୟତର ସମସ୍ତ ସ୍କୁଲରେ ପାନୀୟ ଜଳ, ପିଲାଙ୍କ ବସିବା ପାଇଁ ଡେସ୍କ, ବେଞ୍ଚ ଓ ରାନ୍ଦିଆ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ଜିଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ଡା. ସୁଧାଂଶୁ ବଳ ଜିଲାରେ ମୋଟ ୩୫୦ ଡାକ୍ତର ପଦବୀରୁ ୧୩୪ ଜଣ ଡାକ୍ତର ଥିବା ବେଳେ ୧୧୬ଟି ଡାକ୍ତର ପଦ ଖାଲି ପଡ଼ିଥିବା ଜଣାଇଥିଲେ। ସେଥିମଧ୍ୟରୁ ମୁଖ୍ୟ ଚିକିତ୍ସାଳୟରେ ୯୮ଟି ଡାକ୍ତର ପଦ ଖାଲି ରହିଛି। ସେହିପରି ବନ୍ତ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଆଟେଣ୍ଡାଣ୍ଟ ଔଷଧ ବଣ୍ଟନ କରୁଥିବା ବେଳେ ସୁଇପର୍ ଡ୍ରେସିଂ କରୁଥିବା ଭଳି ଘଟଣା ଉପସ୍ଥାପନ କରିଥିଲେ। ଯାହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି କେନ୍ଦୁଆପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି ନ ଥିବାରୁ ସ୍ଥାନୀୟ ଲୋକ ପରିସରରେ ଗୁହାଳ ଘର କରିବା ସହ ନଡ଼ା ରଖୁଥିବା ସରପଞ୍ଚ ପ୍ରମୋଦ ଜେନା ଅଭିଯୋଗ କରିବା ସହ ଏହାକୁ ଉଚ୍ଛେଦ କରିବାକୁ ଅନୁରୋଧ କରିଥିଲେ। ପୁରୁଣାବଜାର ବୁଧବାର ହାଟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିର୍ମାଣ କାର୍ଯ୍ୟ ଜବରଦଖଲ କାରଣରୁ ହୋଇପାରୁନାହିଁ ବୋଲି ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ ଅଭିଯୋଗ କରିଥିଲେ। ନୂତନ କୋଠାକୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରରେ ବିଳମ୍ବ ନେଇ ବାରମ୍ବାର ଗୋଟିଏ ମାସ ଗୋଟିଏ ମାସ କହି ସମୟ ଗଡ଼ାଉଥିବାରୁ ଭଣ୍ଡାରିପୋଖରୀ ବିଧାୟକ ମଲ୍ଲିକ ଅସନ୍ତୋଷ ପ୍ରକାଶ କରିଥିଲେ। ଭିନ୍ନକ୍ଷମ ପରୀକ୍ଷା ପରେ ମାସ ମାସ ଧରି ପ୍ରମାଣପତ୍ର ମିଳୁନଥିବା ଅଭିଯୋଗ ମଧ୍ୟ ହୋଇଥିଲା। ସେହିପରି ଭଦ୍ରକରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଇ ଏକ ସଂସ୍ଥା ଦ୍ୱାରା ବାସୁଦେବପୁରର ବିଭିନ୍ନ ସ୍କୁଲକୁ ଯୋଗାଇ ଦିଆଯାଉଥିବା ବେଳେ ଏତେ ଦୂରରୁ ପହଞ୍ଚୁଥିବା ଖାଦ୍ୟର ମାନ ଠିକ୍ ରହୁନାହିଁ ବୋଲି ବାସୁଦେବପୁର ବିଧାୟକ ଅଭିଯୋଗ କରିବା ସହ ସ୍ଥାନୀୟ ଅଞ୍ଚଳର ଯେକୌଣସି ଏଜେନ୍ସିକୁ ଏହାର ଦାୟିତ୍ୱ ଦିଆଯାଉ ବୋଲି ଦାବି କରିଥିଲେ। ‘ଦାନା’ ବାତ୍ୟାରେ ଭଦ୍ରକ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବାରୁ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଗୁରୁତ୍ୱ ଦେବାକୁ ଭଦ୍ରକ ବିଧାୟକ ଆଲୋଚନା କରିଥିଲେ।

# ବାତ୍ୟାରେ ଉଜୁଡ଼ିଗଲା କଦଳୀ, ଅମୃତଭଣ୍ଡା ଚାଷ

ବାହାନଗା, ୬।୧୧ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲାରେ ବାତ୍ୟା 'ଦାନା' ପ୍ରଭାବରେ ବାହାନଗା ବ୍ଲକର ପାଚିଲା ଧାନ ନଷ୍ଟ ହେବା ସହ କଦଳୀ ଓ ଅମୃତଭଣ୍ଡା ଚାଷ ସବୁ ଉଜୁଡ଼ିଯାଇଛି। ବ୍ଲକରେ ଉଦ୍ୟାନ ବିଭାଗ ପକ୍ଷରୁ ୧ହେକ୍ଟର ଜମିରେ ଅମୃତଭଣ୍ଡା ଚାଷ କରାଯାଇଥିଲା। ଏହାବ୍ୟତୀତ ଗ୍ରାମାଞ୍ଚଳରେ ବିଭିନ୍ନ ପଞ୍ଚାୟତରେ ଲୋକମାନେ ନିଜ ବାଡିରେ ବିନା ସରକାରୀ ସହାୟତାରେ ଅମୃତଭଣ୍ଡା ଚାଷ କରିଥିଲେ ମଧ୍ୟ ସେଥିପ୍ରତି ଉଦ୍ୟାନ ବିଭାଗ କ୍ଷୟକ୍ଷତି ତଦନ୍ତରେ ପାତରଅନ୍ତର କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବାହାନଗା ବ୍ଲକରେ ବିଭିନ୍ନ ପଞ୍ଚାୟତରେ କଦଳୀ ଚାଷ କରାଯାଇଥିଲେ ମଧ୍ୟ ଉଦ୍ୟାନ ବିଭାଗ ପକ୍ଷରୁ କ୍ଷୟକ୍ଷତି ତଦନ୍ତ ଆକଳନ କରାଯାଉଛି। ହେଲେ ସେଥିରେ ପାତରଅନ୍ତର କରାଯାଉଥିବା ଜଣାପଡିଛି। ସରକାରୀ ଭାବେ ଗତବର୍ଷ ବ୍ଲକ କୌଣସି ଚାଷୀଙ୍କୁ କଦଳୀ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଇ ନ ଥିଲେ ମଧ୍ୟ ଲୋକମାନେ ନିଜ ନିଜ ଘର ବାଡିରେ ଶହ ଶହ କଦଳୀ ଗଛ ଲଗାଇ ବ୍ୟବସାୟ କରୁଥିଲେ। ଦାନା ବାତ୍ୟା ପ୍ରଭାବରେ କଦଳୀ ଓ ଅମୃତଭଣ୍ଡା ଚାଷୀଙ୍କ ବ୍ୟାପକ କ୍ଷତି ଘଟିଛି। ଉଦ୍ୟାନ ବିଭାଗ ତଦନ୍ତରେ ପାତରଅନ୍ତର ନ କରି ଗାଁ ଗାଁ ବୁଲି କଦଳୀ ଗଛ କେତେ କ୍ଷତି ହୋଇଛି ପ୍ରକୃତ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହାୟତା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ତଦନ୍ତରେ ପାତରଅନ୍ତର ହେଉଥିବା ୨୪ଟି ପଞ୍ଚାୟତର ଚାଷୀମାନେ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ବିଭାଗର କାର୍ଯ୍ୟାଳୟ କେଉଁଠି ଅଛି ତାହା ମଧ୍ୟ ଚାଷୀମାନେ ଖୋଜି ପାଉନାହାନ୍ତି। ଗତବର୍ଷ ଉଦ୍ୟାନ ବିଭାଗ ପକ୍ଷରୁ ୩ଟି ପଞ୍ଚାୟତରେ ଅମୃତଭଣ୍ଡା ଚାଷ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ଯାହାକି ୧ ହେକ୍ଟର ଜମିରେ ୩ଟି ପଞ୍ଚାୟତରେ ଚାଷ କରାଯାଇଛି। ଉଦ୍ୟାନ ବିଭାଗର ବ୍ଲକ ଅଧିକାରିଣୀ ଶୁଭଶ୍ରୀ ସେନାପତି କହିଛନ୍ତି, ତଦନ୍ତ ପରେ କେତେ କ୍ଷୟକ୍ଷତି ହୋଇଛି ଜଣାପଡିବ । ତେବେ ଅମୃତଭଣ୍ଡା ଚାଷ ୧ ହେକ୍ଟର ଜମିରେ ଚାଷ କରାଯାଇଛି । ତଦନ୍ତ ନ ସରିଲେ କଦଳୀ ଓ ଅମୃତଭଣ୍ଡା କ୍ଷୟକ୍ଷତି ସମ୍ପର୍କରେ କହିହେବ ନାହିଁ।



## ସଂକ୍ଷେପରେ

### ଦୁଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ଚୋରି

ନୀଳଗିରି, ୬।୧୧ (ପ୍ରଶାନ୍ତ ବିଶ୍ୱାଳ)

କାଳୀପୂଜା ମେଳା ଚାଲିଥିବା ବେଳେ ଦୁଇଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ସିରିଜ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଫ୍ୟାନ୍, କମ୍ପ୍ୟୁଟର, ପ୍ରିଣ୍ଟର ଓ ଇନଭର୍ଟର୍ ଆଦି ଚୋରି କରି ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ୨୪ ଘଣ୍ଟା ନ ପୂରୁଣୁ ପୁଣି ଦୁଇ ଦୁଇଟି ସ୍ଥାନରୁ ଚୋରି ସାଧାରଣରେ ଭୟ ଖେଳାଇ ଦେଇଛି। ଗତ ସୋମବାର ବିଳମ୍ବିତ ରାତିରେ ପୋଡ଼ାଶୂଳ ଗ୍ରାମର ଜଣେ ନାଜରଙ୍କ ଘରେ ନଗଦ ୪୦ହଜାର ଟଙ୍କା ସହିତ ଅନ୍ୟୁନ ୧୫ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍ ହୋଇଥିବା ବେଳେ ପୋଲିସ ଏହାର ତଦନ୍ତ ଜାରି ରଖିଛି। ମାତ୍ର ପୋଲିସକୁ ଚ୍ୟାଲେଞ୍ଜ ଦେଇ ମଙ୍ଗଳବାର ରାତିରେ ପୁନର୍ବାର ଜଡ଼ିଦା ପଞ୍ଚାୟତ ସିଟି ସ୍କୁଲ ନିକଟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏବଂ ସିଆଡ଼ିମାଳ ପଞ୍ଚାୟତ ଚତର ନିକଟରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ସିଲିଂ ଫ୍ୟାନ୍, କମ୍ପ୍ୟୁଟର, ପ୍ରିଣ୍ଟର ଓ ଇନଭର୍ଟର ଆଦି ଚୋରି କରିନେବାରେ ସଫଳ ହୋଇଛନ୍ତି। ଏନେଇ ଉଭୟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ନୀଳଗିରି ଥାନାରେ ଏତଲା ଦିଆଯିବା ପରେ ପୋଲିସ ମାମଲା (ନଂ. ୩୫୦/୨୪) ରୁଜୁ କରି ତଦନ୍ତ ଜାରି କରିଛି।

### ସୋର-କୁପାରୀ ରାସ୍ତାରେ ଗାଡ଼ି ଯାଞ୍ଚ

#### ୨ଲକ୍ଷ ୮୪ହଜାର ଜରିମାନା ଆଦାୟ

ଖଇରା, ୬।୧୧ (ଉତ୍କଳବନ୍ଧୁ ପଣ୍ଡା)

ଜିଲା ସଡକ ପରିବହନ ବିଭାଗ ଓ ଖଇରା ପୋଲିସର ମିଳିତ ସହଯୋଗରେ ସୋର-କୁପାରୀ ରାସ୍ତାର ଅର୍ଜୁନପୁର ଛକରେ ଯାନବାହନ ଯାଞ୍ଚ କରାଯିବା ସହ ଜରିମାନା ବାବଦକୁ ୨ଲକ୍ଷ ୮୪ ହଜାର ଟଙ୍କା ଆଦାୟ କରାଯାଇଛି। ବେଆଇନ ଭାବେ ମଦ ନେଇ ଆସୁଥିବା ଏକ ବାଇକକୁ ନିଶାସକ୍ତ ଆରୋହୀ ସହ ଖଇରା ପୋଲିସକୁ ହସ୍ତାନ୍ତର କରାଯାଇଛି।

### ନିଖିରାରେ ଅଷ୍ଟମ ପ୍ରହର ଶ୍ରୀନାମ ସଂକୀର୍ତ୍ତନ, ମହାମହୋତ୍ସବ

ବାଲିଆପାଳ, ୬।୧୧ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧୀନ ନିଖିରା ଗ୍ରାମର ବାବା ନିଖିରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ନିଖିରେଶ୍ୱର ସାର୍ବଜନୀନ କାଳୀ ପୂଜା ଓ ମହୋତ୍ସବ କମିଟି ପକ୍ଷରୁ ମା' ଜଗଜ୍ଜନନୀ ଦକ୍ଷିଣା କାଳୀଙ୍କର ପୂଜୋତ୍ସବ ଏବଂ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ମହୋତ୍ସବ ସୋମବାର ଉଦ୍ଯାପିତ ହୋଇଯାଇଛି। ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଅଞ୍ଚଳବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ। ମା' କାଳୀଙ୍କ ପୂଜାତ୍ସବ ଯଥାବିଧି ହେବା ସହ ରବିବାର ସନ୍ଧ୍ୟାରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ସୋମବାର ଶେଷ ହେବା ସହିତ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ପ୍ରସାଦସେବନ କରିଥିଲେ। ନିଖିରେଶ୍ୱର ସାର୍ବଜନୀନ କାଳୀପୂଜା ଓ ମହୋତ୍ସବ କମିଟିର ସଦସ୍ୟାସଦସ୍ୟମାନେ ପରିଚାଳନା କରିଥିଲେ।

### ପରିବହନ ନିର୍ଦ୍ଦେଶନାମା ପ୍ରତ୍ୟାହାର ଦାବି

କାଳିପଦା, ୬।୧୧ (ରାଜଶ୍ରୀ ପାଣିଗ୍ରାହୀ)

ବାଲି, ମାଟି, ଗୋଡି, ମେଟାଲ, ଚିପ୍ସ ଆଦି ଉତ୍ତୋଳନ ଓ ପରିବହନ ଉପରେ ଏବେ ସରକାର ଅଙ୍କୁଶ ଲଗାଇବା ପାଇଁ ଉଦ୍ୟମ କରୁଛନ୍ତି। ଏନେଇ ସରକାର ଗତ ୨୫ ତାରିଖରେ ଏକ ଚିଠି ନଂ. ୯୨୩୮/୨୪ ନିର୍ଦ୍ଦେଶନାମା ପ୍ରକାଶ କରିଛନ୍ତି। ଏହା ଜଣାପଡିବା ପରେ ବାଲିଆପାଳ, ବସ୍ତା, ଜଳେଶ୍ୱର, ଭୋଗରାଇ ବ୍ଲକକୁ ନେଇ ଗଠିତ ସୁବର୍ଣ୍ଣରେଖା ଟ୍ରକ ଟିପ୍ପର ମାଲିକ ସଂଘ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀ କରି ସରକାରଙ୍କ ବିରୋଧରେ ବିଷୋଦଗାର କରିଛନ୍ତି। ସଂଘ ସଭାପତି ସୌମ୍ୟଦୀପ ଚକ୍ରବର୍ତ୍ତୀ ଓ ସହଯୋଗୀ ଟ୍ରକ ଟିପ୍ପର ମାଲିକମାନେ ଏକାଠି ହୋଇ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦୃଢ଼ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ବାବୁ ଦାସ, ଅରୁଣ ଦାସ ଅଧିକାରୀ, ଅରବିନ୍ଦ ପାତ୍ର, ପ୍ରଦୀପ କର, ତପନ ବିଶ୍ୱାଳ, ଗୌତମ ପ୍ରଧାନ, ରବୀନ୍ଦ୍ର କୁମାର ଜେନା, ଭୂବନ ଦାସ, ତାପସ ଦାସ, ନାରାୟଣ ମଲ୍ଲିକ, ବାବୁରାମ ପାତ୍ର, ଗୁଞ୍ଜନ ଦାସ ଅଧିକାରୀ, ସବ୍ୟସାଚୀ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସରକାରଙ୍କୁ ସଂଘ ପକ୍ଷରୁ ଏକ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

# ଶାନ୍ତିକାନନରେ ପାଠାଗାର, ପଠନଗୃହ ଉନ୍ମୋଚିତ



ଉନ୍ମୋଚନ ସଭାରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର, ୬।୧୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନସ୍ଥିତ ଫକୀରମୋହନ ସ୍ମୃତିସୌଧରେ ପାଠାଗାର ଓ ପଠନ ଗୃହ ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ପାଠାଗାର ଓ ପଠନ ଗୃହକୁ ଉନ୍ମୋଚନ କରି ଓଡ଼ିଆ ଭାଷା ଓ ସାହିତ୍ୟ ଦିଗରେ ପରିଷଦର ନିରବଚ୍ଛିନ୍ନ ପ୍ରୟାସକୁ ପ୍ରଶଂସା କରିଥିଲେ।

ଉନ୍ମୋଚନ ସଭାରେ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ପୌରୋହିତ୍ୟ କରି ପରିଷଦର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଘୋଷ ଯୋଗଦେଇ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଫକୀରମୋହନ ମହାବିଦ୍ୟାଳୟର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ପରିଷଦ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏବଂ ବରିଷ୍ଠ ସଦସ୍ୟ ପ୍ରହ୍ଲାଦ ଚରଣ ମହାନ୍ତି, ଶରତ କୁମାର ଦାଶ, ପୁରୁଷୋତ୍ତମ ବିଶ୍ୱାଳ, ଶରତ କୁମାର ମହାପାତ୍ର ଓ ପଦ୍ମଲୋଚନ ଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ନବନିର୍ବାଚିତ ଉପସଭାପତି ଦୀନବନ୍ଧୁ ଲେଙ୍କା, ଅଞ୍ଜଳି ପଣ୍ଡା, ଯୁଗ୍ମ ସମ୍ପାଦକ କଲ୍ୟାଣୀ ନନ୍ଦ, ରାଜେଶ ଗିରି ଓ କୋଷାଧ୍ୟକ୍ଷ ତପନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ ବ୍ୟାଙ୍କର ଶହୀଦ ପାର୍କ ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଙ୍କ ସହ ବ୍ୟାଙ୍କ ଅଧିକାରୀ।

ବାଲେଶ୍ୱର, ୬।୧୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ସହରର ଆର୍ତ୍ତକବିରାଜ ରୋଡ୍‌ରେ ଇଣ୍ଡିଆନ ବ୍ୟାଙ୍କର ଶହୀଦ ପାର୍କ ଶାଖା ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସ୍ଥିତ ଇଣ୍ଡିଆନ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଏମ୍. ଅରୁଣା ଯୋଗଦେଇ ଏହି ଶାଖା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ନୂତନ ଶାଖା ଗ୍ରାହକମାନଙ୍କୁ ସମସ୍ତ ପ୍ରକାର ବ୍ୟାଙ୍କ ସେବା ପ୍ରଦାନ କରିବ ବୋଲି ସେ କହିଥିଲେ।

ଶହୀଦପାର୍କ ଶାଖା ପରିଚାଳକ ପ୍ରଶାନ୍ତ ସାମଲ ଏହି ଉତ୍ସବରେ ଅଧ୍ୟକ୍ଷତା କରି ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଟିଏମ୍ ଉପଲବ୍ଧ ସହ ଗ୍ରାହକଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କ୍ଷେତ୍ରୀୟ ପ୍ରବନ୍ଧକ ପରୀକ୍ଷିତ ଦାସମହାପାତ୍ର, ଇଣ୍ଡିଆନ ବ୍ୟାଙ୍କ ବାଲେଶ୍ୱର ଶାଖା ପରିଚାଳକ ପ୍ରଶାନ୍ତ ଜେନା, ଶହୀଦ ପାର୍କ ଶାଖାର ଅସିଷ୍ଟାଣ୍ଟ ମ୍ୟାନେଜର ସ୍ୱରୂପ କୁମାର ଗିରି, ଲୋନ ଅଧିକାରୀ ଶୁଭଙ୍କର ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଗ୍ରାହକମାନେ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ୟାଙ୍କ କର୍ମଚାରୀ ଭରତ ବିନ୍ଧାଣୀ, ଜୟନ୍ତୀ ସାମାଡ଼, ଅଶୋକ ମାଝି, ମାଧବୀ ମିତ୍ର, ଅକ୍ଷୟ ଗୋଛାୟତ, ରାକେଶ କୁମାର ଗିରି, ଅଶୋକ କୁମାର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ସୋରରେ ଷ୍ଟାମ୍ପପେପର ଚଢ଼ାଦରରେ ବିକ୍ରି

ସୋର, ୬।୧୧ (ଜନ୍ମେଜୟ ମିଶ୍ର)

ସୋରରେ ଷ୍ଟାମ୍ପପେପର ଦରବୃଦ୍ଧି ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଭେଣ୍ଡରମାନେ ନିର୍ଦ୍ଧାରିତ ମୂଲ୍ୟଠାରୁ ଦୁଇଗୁଣରେ ବିକ୍ରୟ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଏପରିକି ଅଭାବ ଦେଖାଇ ୧୦ଟଙ୍କାର ଷ୍ଟାମ୍ପପେପରକୁ ୨୦ଟଙ୍କା ଓ ୨୦ଟଙ୍କାର ପେପରକୁ ୩୦ଟଙ୍କା ଆଦି ବିକ୍ରୟ କରାଯାଉଥିବା ଅଭିଯୋଗ ହେଉଛି। ଏ ବିଷୟରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଅଭିଯୋଗ କରାଯାଇଛି।

# ସ୍ୱାସ୍ଥ୍ୟ ଶିବିରରେ ୭ ଶହ ଗ୍ରାମବାସୀ ଚିକିତ୍ସିତ





ଉଦ୍‌ଘାଟନୀ ପରିପ୍ରେକ୍ଷୀରେ ବିଧାୟକ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛନ୍ତି। ରୋଗୀମାନେ ଡାକ୍ତର ଦେଖାଇ ମାଗଣା ଔଷଧ ନେଉଛନ୍ତି।

ଖଇରା, ୬।୧୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଜଳଙ୍ଗସ୍ଥିତ ପ୍ରସିଦ୍ଧ ଚଣ୍ଡୀ ମନ୍ଦିର ସମ୍ମୁଖରେ ବୁଧବାର ବହୁବିଧ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟସାଇ ସେବା ସଙ୍ଗଠନ ଓ ଚଣ୍ଡୀ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ବିଧାୟକ ପଦ୍ମଲୋଚନ ପଣ୍ଡା ଉଦ୍‌ଘାଟନ କରିଥିଲେ। ମଣ୍ଡଳ କାର୍ଯ୍ୟକାରୀ ସଭାପତି କୈଳାସ ମାଝି, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ହାଇଟେକ ମେଡିକାଲ କଲେଜର ଡାକ୍ତର ସୌମ୍ୟରଞ୍ଜନ ପତି, କିରଣ ରାଜମଲ, ବିଭୁଦର୍ଶୀ ମୌମିତ୍ର, ସିଦ୍ଧାର୍ଥ ମିଶ୍ର ପ୍ରମୁଖ ୭ଶହ ରୋଗୀଙ୍କର ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ୩୬୨ଜଣଙ୍କୁ ମେଡିକାଲରେ ଚିକିତ୍ସା ପାଇଁ ଚିହ୍ନଟ କରାଯାଇଥିଲା। ସତ୍ୟସାଇ ସଙ୍ଗଠନର ସଭ୍ୟ ରମେଶ ସୂତାର, ପ୍ରଶାନ୍ତ ସାମଲ, ହୃଷିକେଶ ବେହେରାଙ୍କ ସମେତ ଟ୍ରଷ୍ଟ ବୋର୍ଡ ଅଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ସତ୍ୟଭାମା ବନ୍ଧ, ସଞ୍ଜୁଲତା ବାରିକ, କନକଲତା ସ୍ୱାଇଁ, ମଲ୍ଲିବାଳା ଦାସ, ଇତିପ୍ରଭା ମହାପାତ୍ର, ସୁଚିସ୍ମିତା ଜେନା, ଶରତ କୁମାର ଜେନାଙ୍କ ସମେତ ଅଙ୍ଗନୱାଡ଼ି, ଆଶାକର୍ମୀ, ସ୍ଥାନୀୟ ଗ୍ରାମବାସୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଏଫ୍‌ଏମ୍‌ୟୁକୁ ମିଳିଲା 'ପ୍ରକୃତି ମିତ୍ର' ପୁରସ୍କାର

ବାଲେଶ୍ୱର, ୬।୧୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ)କୁ ପରିବେଶ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ 'ପ୍ରକୃତି ମିତ୍ର-୨୦୨୪' ପୁରସ୍କାର ପ୍ରଦାନ କରାଯାଇଛି। ପ୍ରୋତ୍ସାହନ ରାଶି ସ୍ୱରୂପ ୨୦ହଜାର ଟଙ୍କାର ଚେକ୍ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଏହି ସଫଳତା ପାଇଁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

କୁଳପତି ପ୍ରଫେସର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ପରିବେଶ ସଂରକ୍ଷଣ ଏବଂ ଗୁଣାତ୍ମକ ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ବିଶ୍ୱବିଦ୍ୟାଳୟ ପରିସରକୁ ଜୀବାଶ୍ମ ଇନ୍ଧନଚାଳିତ ଯାନମୁକ୍ତ ଜୋନ୍ ଭାବେ ଘୋଷଣା କରିବା, ସାର୍ବଜନୀନ ପରିବହନ ପାଇଁ ଇ-ରିକ୍ସା ପ୍ରବର୍ତ୍ତନ, ମୁକ୍ତ ସ୍ଥାନକୁ ସବୁଜ ଜୋନ୍‌ରେ ପରିଣତ କରିବା, ଦୁର୍ଲଭ, ସ୍ଥାନୀୟ ଏବଂ ବିପନ୍ନ ଉଦ୍ଭିଦ ପ୍ରଜାତି ସଂରକ୍ଷଣ ପାଇଁ ଡ. ଗୋପୀନାଥ ପାଣିଗ୍ରାହୀ ବନସ୍ପତି ଉଦ୍ୟାନ ପ୍ରତିଷ୍ଠା, ଅଣ-କାଠ ଜଙ୍ଗଲ ଉତ୍ପାଦ (ଏନ୍‌ଟିଏଫ୍‌ପି) ସଂଗ୍ରହାଳୟ, ପ୍ରାଣୀ ସଂଗ୍ରହାଳୟ ପ୍ରତିଷ୍ଠା, କ୍ୟାମ୍ପସ୍‌ରେ ବର୍ଷାଜଳ ଅମଳ, ଭୂତଳ ଜଳ ରିଚାର୍ଜ ଏବଂ ଜଳ ସଂରକ୍ଷଣ ପଦକ୍ଷେପ, ଜିଆ ଖତ ୟୁନିଟ୍ ଏବଂ ଜୈବିକ ଖତ ୟୁନିଟ୍ ପ୍ରତିଷ୍ଠା, ଶକ୍ତି ବିକଳ୍ପ ଉତ୍ସ ଭାବରେ ସୌର ପ୍ୟାନେଲ ପ୍ରତିଷ୍ଠା ଆଦି ଅନ୍ତର୍ଭୁକ୍ତ। ଏତଦ୍‌ଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିୟମିତ ଭାବେ ଉପକୂଳ ସଫେଇ କାର୍ଯ୍ୟକ୍ରମ, ବୃକ୍ଷରୋପଣ, ପରିବେଶ ସଚେତନତା ଓ ବଜ୍ରପାତ ସୁରକ୍ଷା ସଚେତନତା ଅଭିଯାନ, ଜୈବିକ ହୋଲି ଉତ୍ସବ ଆୟୋଜନ କରାଯାଇଥାଏ। ଏଥିସହିତ ପ୍ରାଣୀ ଏବଂ ପକ୍ଷୀଙ୍କ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ କୃତ୍ରିମ ଚଢେଇ ବସା, ପ୍ରାଣୀମାନଙ୍କ ଖାଇବା ଏବଂ ପିଇବା ବ୍ୟବସ୍ଥା ତଥା ପ୍ରଜାପତି ଉଦ୍ୟାନ ପ୍ରତିଷ୍ଠା କରାଯାଇଛି।

# ୨ ଚୋରା ମଦବେପାରୀ ଗିରଫ

ବାହାନଗା, ୬।୧୧ (ଅରୂପ କୁମାର ଦାସ)

ନୀଳଗିରି ଅବକାରୀ ଇନ୍ସପେକ୍ଟର ଓ ଗୋପାଳପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବୁଧବାର ପୃଥକ ସ୍ଥାନରେ ଚଢାଉ କରି ମୋଟ ୩୮ ଲିଟର ଦେଶୀ ଚୋରା ମଦ ଜବତ କରିବା ସହିତ ୨ଜଣ ମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏନେଇ ଗୋପାଳପୁର ଅବକାରୀ ଥାନାରେ ଓ ବାଲେଶ୍ୱର ଅବକାରୀ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ନୀଳଗିରି ଅବକାରୀ ଇନ୍ସପେକ୍ଟର କେଶବ ଦାସ ଖବର ପାଇ ସଦଳବଳେ ପଣାପଣା ପଞ୍ଚାୟତର ନୂଆପଡା ଗ୍ରାମରୁ ଦୋକାନରେ ବିକ୍ରି କରୁଥିବା ଦିନେଶ ବେହେରା(୪୨)ଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୮ ଲିଟର ଦେଶୀ ଚୋରା ମଦ ଜବତ କରିଥିଲେ। ସେହିପରି ଗୋପାଳପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟସୁନ୍ଦର ମଲିକ ରୂପଖଣ୍ଡସ୍ଥିତ ବାଉଁଶଡ଼ିଆ ଗ୍ରାମର ଚୋର ଦେଶୀମଦ ଘରେ ରଖି ବିକ୍ରି କରୁଥିବା ବସନ୍ତ ମହାଳିକ (୪୬)ଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ୨୦ଲିଟର ଦେଶୀ ଚୋରାମଦ ଜବତ କରିଥିଲେ। ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ଶ୍ରୀଅନ୍ନ, ବିସ୍ମୃତ ଖାଦ୍ୟ ପ୍ରଦର୍ଶନୀ



କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ।

କେନ୍ଦୁଝର, ୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ନଭେମ୍ବର ୧୦ ଓ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ୨ ଦିନିଆ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ' ଆୟୋଜିତ ହେବ। ଏଥିରେ ଶ୍ରୀ ଅନ୍ନ ଓ କୃଷି ଐତିହ୍ୟ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ଖାଦ୍ୟ ନିରାପତ୍ତା ତଥା ଚିରନ୍ତନ କୃଷି ପଦ୍ଧତି ଏବଂ ବିସ୍ମୃତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହନ ଦିଆଯିବ। ଏହାର ଅବ୍ୟବହିତ ପୂର୍ବରୁ କେନ୍ଦୁଝରସ୍ଥିତ ଟାଉନ ଅଡିଟୋରିଅମଠାରେ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ଦ୍ୱାରା ଉଦଘାଟିତ ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଜିଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ, ଅନୁଗୁଳ ପ୍ରଶାନ୍ତ ମହାନ୍ତି, ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ସୌମେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସୁନ୍ଦରଗଡ, ଅନୁଗୋଳ, ମୟୂରଭଞ୍ଜ ଏବଂ କେନ୍ଦୁଝରର ଜିଲାର ଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଉଦ୍ୟୋଗୀ, ସ୍କୁଲ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ମିଲେଟ ରଥର ଉଦ୍‌ଘାଟନ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଚାଷୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଭାଗୀୟ ଷ୍ଟଲରେ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ପ୍ରଦର୍ଶନୀ, ସ୍ୱୟଂ ସହୟିକା ଗୋଷ୍ଠୀ ଦ୍ୱାରା ଖାଦ୍ୟ ପ୍ରସ୍ତୁତି, ପୁଷ୍ଟି ଶସ୍ୟ ଶୀର୍ଷକ କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା, କଳା ନାଟକ, ନୃତ୍ୟ, କବିତା ପଠନ, ଛାତ୍ରୀଛାତ୍ର ଏବଂ କଳାକାର ଗୋଷ୍ଠୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶେଷରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନିଯୁକ୍ତି ପରାମର୍ଶ ଶିବିର

ମୋରଡ଼ା, ୬।୧୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଚିତ୍ରଡ଼ାସ୍ଥିତ ମୋରଡ଼ା ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲ୍‌ରେ ଏକ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଣାକର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ମୋଟ ୪ଟି ନିଯୁକ୍ତି ସଂସ୍ଥା ଯୋଗ ଦେଇଥିଲେ। ବାଲେଶ୍ୱର ନିୟମ ଏଜୁକେଶନ ଫାଉଣ୍ଡେଶନ, ସିପେଟ, ଆମିଗୋ ସଲ୍ୟୁସନ ଏବଂ ବାରିପଦାର ସାହି ଏକ୍ସପର୍ଟସେ ଯୋଗଦେଇ ୨୦ ଜଣ ଯୁବତୀଯୁବକଙ୍କ ରେଜିଷ୍ଟ୍ରେସନ କରିଥିଲେ। ଶିବିର ଆୟୋଜନରେ ବିଏଲ୍‌ସି ହିମାଂଶୁ ଭୂଷଣ ସାହୁ, ବ୍ଲକ ଜିପିଓ ଦାୟିତ୍ୱରେ ଥିବା ପ୍ରସନ୍ନ ମହାନ୍ତ, ବିପିଏମ୍ ଉଜାତା ଦାସ ସହଯୋଗ କରିଥିଲେ। ତେବେ ପ୍ରଚାର ପ୍ରସାର ଅଭାବରୁ ଶିବିରରେ କମ୍ ସଂଖ୍ୟକ ଯୁବତୀଯୁବକ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା।




ଶିବିରରେ ଉପସ୍ଥିତ ନିଯୁକ୍ତି ସଂସ୍ଥାର ଅଧିକାରୀମାନେ।

# କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଡିଏନ୍ ହାଇସ୍କୁଲର ସଫଳତା

କେନ୍ଦୁଝର, ୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଭୁବନେଶ୍ୱର ଏଲିମେଣ୍ଟାରି ଟିଚର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ କେନ୍ଦୁଝର ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। କ୍ଷୁଦ୍ର ନାଟକଟି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ପର୍ଯ୍ୟବେସିତ ଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ମମତାମୟୀ ରାଉତ ନାଟକ ରଚନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ତରୁଶୋଭାମୟୀ ମୁଦୁଲି ଓ ରାକ୍ଷୀ ମହାନ୍ତ ନିର୍ଦ୍ଦେଶନା ଦେଇଥିଲେ। ବିଶ୍ୱଜିତ ଦାସ, ଶ୍ୱେତାଂଶୁ ନାଥ, ଛାତ୍ରୀ ଅଞ୍ଜନା ମହାନ୍ତ, ଦେବସ୍ମିତା ପୃଷ୍ଟି, ସ୍ୱସ୍ତି ସୁଲଗ୍ନା ଦେଓ ଅଭିନୟ କରିଥିଲେ। ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ମା' ଶ୍ୟାମାକାଳୀଙ୍କୁ ମେଲାଣି



ଢେଙ୍କିକୋଟ, ୬।୧୧ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳି ଢେଙ୍କିକୋଟ ମା' ଶ୍ୟାମାକାଳୀ ପୂଜା କମିଟି ତରଫରୁ ବୁଧବାର ମା' ଶ୍ୟାମାକାଳୀଙ୍କୁ ମେଲାଣି ଦିଆଯାଇଛି। ମାଆଙ୍କ ମୃଣ୍ମୟ ମୂର୍ତ୍ତିକୁ ଟ୍ରାକ୍ଟର ସାହାଯ୍ୟରେ ଢେଙ୍କିକୋଟ ବଜାର ସାହିବସ୍ତି ପରିକ୍ରମା କରାଯାଇଥିଲା। ଶେଷରେ ପୁଣ୍ୟତୟା ସୀତା ନଦୀରେ ମାଆଙ୍କୁ ଭସାଣି କରାଯାଇଥିଲା। କମିଟିର ବିଜୟ ମଣ୍ଡଳ, ଖଗେଶର ନାୟକ, ଦେବେନ୍ଦ୍ର ମଣ୍ଡଳ, ଜଗବନ୍ଧୁ ନାୟକ, ପଦ୍ମନ ମଲ୍ଲିକ, ସାର୍ତୁକ ଗିରି, ଶିବାନନ୍ଦ ମଣ୍ଡଳ, ନିରଞ୍ଜନ ଗିରି, ସୁରେଶ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗୋଟିଏ ପଞ୍ଚାୟତରେ ୨ ନିର୍ବାହୀ ଅଧିକାରୀ

କେନ୍ଦୁଝର,୬ା୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ପଳାଶପଙ୍ଗା ପଞ୍ଚାୟତରେ ୨ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ରହିଛନ୍ତି। ବଦଳୀ ସତ୍ତ୍ୱେ ଜଣେ ଅଧିକାରୀ ପଞ୍ଚାୟତ ଛାଡ଼ି ଯାଉ ନ ଥିବା ବେଳେ ସେଠାକୁ ବଦଳି ହୋଇଥିବା ଅଧିକାରୀ ଆସି ସରପଞ୍ଚଙ୍କୁ ଯୋଗଦାନ ରିପୋର୍ଟ ଦେଇଥିବାରୁ ବିବାଦୀୟ ପରିସ୍ଥିତି ଉପୁଜିଛି। ଏ ନେଇ ସରପଞ୍ଚ ବାସନ୍ତୀ ନାୟକ କହିଛନ୍ତି, ପଞ୍ଚାୟତକୁ ଗୋବର୍ଦ୍ଧନ ପଞ୍ଚାୟତରୁ ପ୍ରକାଶ ଜେନା ବଦଳି ହୋଇ ଆସିଛନ୍ତି। ସେ ୨୯ ଅକ୍ଟୋବରରେ ତାଙ୍କୁ ଯୋଗଦାନ ରିପୋର୍ଟ ଦେଇଛନ୍ତି। ତେବେ ପୂର୍ବ ନିର୍ବାହୀ ଅଧିକାରୀ ଗଣେଶ୍ୱର ମହାନ୍ତଙ୍କ ବଦଳି ଗୋବର୍ଦ୍ଧନ ପଞ୍ଚାୟତକୁ ହୋଇଛି। ସେ ରିଲିଭ ହୋଇ ଯାଇନାହାନ୍ତି। ଏଭଳି ଘଟଣାକୁ ନେଇ ବ୍ଲକ୍ ଓ ଜିଲା ପରିଷଦ ପ୍ରଶାସନ ଅବଗତ ଥିଲେ ହେଁ ପୂର୍ବ ଅଧିକାରୀଙ୍କୁ ରିଲିଭ କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହା ପଛରେ ରାଜନୈତିକ ଚାପ ରହିଥିବା ନେଇ ଆଲୋଚନା ହେଉଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପାଟଣା,୬ା୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ପୁରୁଲିଆ ଗ୍ରାମରେ ଘର ଭିତରୁ ବୁଧବାର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଉଛନ୍ତି ଗ୍ରାମର ବ୍ରଜବନ୍ଧୁ ମହାନ୍ତଙ୍କ ପୁଅ ବିଜୟ ମହାନ୍ତ(୧୯)। ଶୋଇବା ଘର କବାଟ ଖୋଲା ରହିବା ଓ ମୃତ ଦେହର ଗୋଡ଼ ତଳେ ଲାଗି ରହିଥିବାରୁ ମା', ଭଉଣୀ ଏହାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ. ୬୯/୨୪)ରୁଜୁ ହୋଇଛି। ପାଟଣା ଥାନା ଅଧିକାରୀ ଉଦୟ ବୀର କୁଲୁ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ।

# ବର୍ଷତମାମ ଜନବସତିରେ ହାତୀପଲ

## ଜିଲାରେ ଥମୁନି ହାତୀ ଉପଦ୍ରବ

କେନ୍ଦୁଝର,୬ା୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)



ବଣଜଙ୍ଗଲ ଭରା କେନ୍ଦୁଝର ଜିଲାରେ ପ୍ରାୟ ୨୦ ବର୍ଷ ତଳେ ହାତୀ ଉପଦ୍ରବ ସେତେ ନ ଥିଲା। ହାତୀମାନେ ଜଙ୍ଗଲ ମଧ୍ୟରେ ରହୁଥିଲେ ଏବଂ ଜଙ୍ଗଲ ସୀମାନ୍ତ ଗାଁ ଗଣ୍ଡାରେ କାଁ ଭାଁ ଉପଦ୍ରବ କରୁଥିଲେ। ତେବେ ସମୟକ୍ରମେ ହାତୀପଲ ଜଙ୍ଗଲ ନଷ୍ଟ ହେବାରୁ ବାସହରା ହୋଇ ଜନବସତିମୁହାଁ ହେବାକୁ ଲାଗିଲେ। ତେବେ କେବଳ ଧାନ ଅମଳ ସମୟରେ ହାତୀପଲ ଆସି ଉପଦ୍ରବ କରୁଥିଲେ। କିନ୍ତୁ ଆଜିକାଲି ବର୍ଷତମାମ ହାତୀ ଉପଦ୍ରବ ଲାଗି ରହୁଥିବାରୁ ଲୋକମାନେ ଭୟରେ ରହୁଥିବା ବେଳେ ବନ ବିଭାଗ ଚିନ୍ତାରେ ପଡ଼ିଯାଇଛି।

ପ୍ରକାଶ ଯେ, କେନ୍ଦୁଝର ଡିଭିଜନରେ ବୁଧବାର ସୁଦ୍ଧା ସମୁଦାୟ ୧୬୬ ହାତୀ ବିଚରଣ କରୁଛନ୍ତି। ସେଥିରୁ ୩୯ ଦନ୍ତା, ୭୩ ମାଈ, ୫୪ ଛୁଆହାତୀ ରହିଛନ୍ତି। ପାଖାପାଖି ୧୩ ପଲରେ ହାତୀ ବୁଲୁଥିବା ଦେଖିବାକୁ ମିଳୁଛି। ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ୍‌ରେ ସର୍ବାଧିକ ୪ ପଲରେ ୬୯ ହାତୀ ରହିଛନ୍ତି। କେନ୍ଦୁଝର ରେଞ୍ଜ୍‌ରେ ୨ଟି ପଲରେ ୧୩, ତେଲକୋଇ ରେଞ୍ଜ୍‌ରେ ୨ ପଲରେ ୩୯, ଘଟଗାଁ ରେଞ୍ଜ୍‌ରେ ଗୋଟିଏ ପଲରେ ୩, ପାଟଣା ରେଞ୍ଜରେ ଗୋଟିଏ ଦଳରେ ୨୮, ଚମ୍ପୁଆ ରେଞ୍ଜ୍‌ରେ ୨ ପଲରେ ୧୦, ବଡ଼ବିଲ ରେଞ୍ଜ୍‌ରେ ଗୋଟିଏ ପଲରେ ୪ ହାତୀ ବୁଲୁଥିବା ବନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ହାତୀପଲଙ୍କ ଗତିବିଧି ନିରୀକ୍ଷଣ କରାଯାଇ ଲୋକଙ୍କୁ ପୂର୍ବ ସତର୍କତା ସୂଚନା ଦିଆଯାଉଛି। ଏହାସତ୍ତ୍ୱେ ଅନେକ ସମୟରେ ହାତୀପଲ ଗାଁରେ ପଶି ଫସଲ ନଷ୍ଟ କରୁଛନ୍ତି। ହାତୀ ମଣିଷ ଲଢ଼େଇରେ କେତେବେଳେ ହାତୀ ତ କେତେବେଳେ ମଣିଷ ଜୀବନ ଯାଉଛି। ହାତୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁସଂଖ୍ୟା ସହ ହାତୀ ମୃତ୍ୟୁସଂଖ୍ୟା ବଢୁଥିବାରୁ ଚିନ୍ତାର ବିଷୟ ହୋଇଛି। ଧାନ ବିଲରେ ଗୋରୁ ଭଳି ପଲପଲ ହୋଇ ବୁଲି କ୍ଷୟକ୍ଷତି ଘଟାଉଛନ୍ତି। ବନ ବିଭାଗ ହାତୀପଲଙ୍କୁ ଜଙ୍ଗଲ ସୀମା ମଧ୍ୟରେ ଆବଦ୍ଧ କରି ରଖିବାରେ ବିଫଳ ହେଉଛି। ଏପରିକି ହାତୀ ନିରୀକ୍ଷଣ କରୁଥିବା ବନ ବିଭାଗ କର୍ମଚାରୀ ମଧ୍ୟ ସୁରକ୍ଷିତ ମଣୁନାହାନ୍ତି। ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହୁଥିବାରୁ ଲୋକେ ଭୟଭୀତ ହୋଇପଡୁଛନ୍ତି। ସୁରକ୍ଷା ମିଳୁ ନ ଥିବାରୁ ଅନେକେ ଚାଷକାର୍ଯ୍ୟ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ହାତୀଙ୍କ ପାଇଁ ବାସସ୍ଥାନ ଚିହ୍ନଟ କରି ଉକ୍ତ ଅଞ୍ଚଳ ମଧ୍ୟରେ ଧାନ ଫସଲ ଭଳି ଖାଦ୍ୟ ବ୍ୟବସ୍ଥା କରାଗଲେ ହାତୀପଲ ଜଙ୍ଗଲ ଛାଡି ପଦାକୁ ଆସିବେ ନାହିଁ ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ବରିଷ୍ଠ କବିରାଜ ହରେକୃଷ୍ଣ ମହାନ୍ତ କହିଛନ୍ତି, ଆଗରୁ ହାତୀ ସନ୍ଧ୍ୟା ପରେ ବାହାରି ଉପଦ୍ରବ କରୁଥିଲେ। ଏବେ ଦିନରାତି ହାତୀପଲ ଗାଁରେ ବୁଲି ଉପଦ୍ରବ ଚଳାଉଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା କହିଛନ୍ତି, ହାତୀପଲ ରାସ୍ତାଘାଟ, ଜଳାଶୟରେ ବୁଲୁଥିବାରୁ ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ସତେଯେପରି ସମଗ୍ର ଜିଲା ହାତୀ ସଫାରି ପାଲଟିଯାଇଛି। ଏ ନେଇ ସ୍ୱତନ୍ତ୍ର ଭାବରେ ସରକାର ହାତୀ ଓ ଜନବସତି ଅଞ୍ଚଳର ସୁରକ୍ଷା କରି ଜଙ୍ଗଲ ମଧ୍ୟରେ ଖାଦ୍ୟ ବ୍ୟବସ୍ଥା କରିବାକୁ ଯୋଜନା ପ୍ରସ୍ତୁତ କରିବାର ଜରୁରୀ ହୋଇପଡ଼ିଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ଚମ୍ପୁଆ,୬ା୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ଅଧୀନ କରିଆ ପଞ୍ଚାୟତର କାଟୁଲିକନା ଗ୍ରାମରେ ବୁଧବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଟଙ୍କଧର ନାଏକ (୩୨)। ଦୀର୍ଘ ଦିନ ଧରି ହାତୀପଲ ଚମ୍ପୁଆ ଅଞ୍ଚଳରେ ଉପଦ୍ରବ କରୁଛନ୍ତି। ମଙ୍ଗଳବାର ମଧ୍ୟ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିଲେ। ଅଞ୍ଚଳରେ ହାତୀ ଆକ୍ରମଣ ବଢୁଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ବନ ବିଭାଗ ସୂଚନା ଅନୁଯାୟୀ, କାଟୁଲିକନା ଅଞ୍ଚଳର ଜଙ୍ଗଲ ମଧ୍ୟରେ ଥିବା ହାତୀପଲ ଅପରାହ୍ଣ ୪ଟା ସମୟରେ ବାହାରକୁ ବାହାରିଥିଲେ। ସେ ସମୟରେ ଜଙ୍ଗଲ ନିକଟସ୍ଥ ଧାନବିଲକୁ ଟଙ୍କଧର କାମ କରିବାକୁ ଯାଇଥିଲେ। ସେଠାରେ ସେ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ଏକ ହାତୀ ତାଙ୍କୁ ଆକ୍ରମଣ କରିବା ସହିତ ଶୁଣ୍ଢରେ କଚାଡ଼ି ଦେଇଥିଲା। ଖବର ପାଇ ସ୍ଥାନୀୟ ଲୋକ ଓ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଟଙ୍କଧରକୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାରମ୍ବାର ଚମ୍ପୁଆ ସେକ୍ସନରେ ହାତୀ ଉପଦ୍ରବ ଦ୍ୱାରା ଫସଲ ନଷ୍ଟ ହେବା ସହ ଧନ ଜୀବନ ହାନି ଘଟୁଥିବାରୁ ଜଣସାଧାରଣଙ୍କ ଆକ୍ରୋଶ ବଢୁଛି। ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ କହିଛନ୍ତି, ସରକାରଙ୍କ ନିୟମ ଅନୁସାରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଢେଙ୍କିକୋଟ,୬ା୧୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବଡ଼ମସିଣାବିଲା ପଞ୍ଚାୟତ ବଡ଼ମସିଣାବିଲା ଗ୍ରାମରେ ଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାଶିବ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ଼ମ୍ବରୁଧର ରାଉତ, ମୁଖ୍ୟ ବକ୍ତାଭାବେ କେନ୍ଦୁଝର ଜିଲା ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପୁହାଣ, ସମ୍ମାନୀୟ ଅତିଥିଭାବେ ବଡ଼ମସିଣାବିଲା ସରପଞ୍ଚ ଝରଣାଗିରି, ଘଟଗାଁ ବ୍ଲକ୍ ଅଧକ୍ଷ ଦୋଳଗୋବିନ୍ଦ ବେହେରା, କେନ୍ଦୁଝର ଜିଲା ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ସଂଘ ସଭାପତି କିଶୋର ଚନ୍ଦ୍ର ମହାନ୍ତି, ସମ୍ପାଦକ ଦୀପ୍ତିରଞ୍ଜନ ପ୍ରଧାନ, ତୁଳସୀ ମହାନ୍ତ, ପ୍ରଶ୍ନ ବାରିକ, ଧନେଶ୍ୱର ନାୟକ, ଅନାଦିଚରଣ ପ୍ରଧାନ, ରଘୁନାଥ ମହାନ୍ତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ତରଫରୁ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ଉପଢ୍ୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟର ଶିକ୍ଷକ ମୋହନ ଚରଣ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ଶିକ୍ଷାକର୍ମଚାରୀ ବୃନ୍ଦ ପ୍ରଧାନ ଶିକ୍ଷକଙ୍କୁ ତାଙ୍କ କେତାଙ୍ଗ ଗ୍ରାମସ୍ଥିତ ବାସବଭନକୁ ନେଇ ଛାଡ଼ିଥିଲେ।

## ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

# ଉସୁରେ କେନ୍ଦୁଝର ଚାମ୍ପିୟନ

ଯୋଡ଼ା,୬ା୧୧(ମାନସ ମହାନ୍ତି)



ପ୍ରଶିକ୍ଷକଙ୍କ ସହ କ୍ରୀଡ଼ାବିତ୍‌ମାନେ।

ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ କେନ୍ଦୁଝର ଜିଲା ଚାମ୍ପିୟନ ହୋଇଛି। ବଲାଙ୍ଗୀର ଜିଲା ପୃଥ୍ୱୀରାଜ ହାଇସ୍କୁଲଠାରେ ନଭେମ୍ବର ୨ରୁ୪ ତାରିଖ ମଧ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଫେନ୍ସିଂ, ଉସୁ, ଥାଙ୍ଗଟା ଓ ଟେବୁଲ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉସୁ ଖେଳରେ କେନ୍ଦୁଝର ଜିଲା ୭ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହି ଖେଳରେ ସମୁଦାୟ ୭ଜଣ ଖେଳାଳି ଜିଲାରୁ ଅଂଶ ଗ୍ରହଣ କରି ୭ଟି ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ଖେଳାଳିଙ୍କ ମଧ୍ୟରୁ ୩ ଜଣ ବାଳିକା ବିଭାଗର ମାଳିନୀ ମୁଣ୍ଡା(୩୬ କେଜି), ରାକ୍ଷୀ ସିଡାରୀ(୪୦କେଜି), ଲକ୍ଷ୍ମୀ ମୁଣ୍ଡା(୪୫କେଜି)ରେ ଭାଗ ନେଇଥିଲେ। ସେହିପରି ବାଳକ ବିଭାଗରେ ରାଜେଶ ନାଗ (୪୦ କେଜି), ମଦନ ମୁଣ୍ଡା(୪୫ କେଜି), ରମେଶ ମୁଣ୍ଡା(୪୮ କେଜି), ଓ ପର୍ବିଲ ମୁଣ୍ଡା(୪୮ କେଜି)ରେ ଭାଗ ନେଇଥିଲେ। ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ ଉସୁ ଖେଳରେ ୭ଟି ସ୍ୱର୍ଣ୍ଣ ପଦକ ଜିତି ଚାମ୍ପିୟନ ହୋଇଥିବା ବେଳେ ରନର୍ସଅପ ଭାବେ ଅନୁଗୋଳ ଜିଲା ୩ ସ୍ୱର୍ଣ୍ଣ ପଦକ ଓ ଦ୍ୱିତୀୟ ରନର୍ସଅପ ଭାବେ ବଲାଙ୍ଗୀର ଜିଲା ୨ ସ୍ୱର୍ଣ୍ଣ ପଦକ ହାସଲ କରିଛି। ନଭେମ୍ବର ୨୨ ରୁ ୨୬ ତାରିଖ ମଧ୍ୟରେ ଜମ୍ମୁରେ ହେବାକୁ ଥିବା ୬୮ତମ ଜାତୀୟସ୍ତରୀୟ ବିଦ୍ୟାଳୟ ପ୍ରତିଯୋଗିତାରେ ଏହି ୭ ସ୍ୱର୍ଣ୍ଣ ବିଜେତା ଅଂଶ ଗ୍ରହଣ କରିବେ ବୋଲି କୋଚ ପଙ୍କଜ କୁମାର ମହାନ୍ତ ସୂଚନା ଦେଇଛନ୍ତି।

## ଜାତୀୟ ଆୟୁର୍ବେଦ ଦିବସରେ ବୈଦଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,୬ା୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଜାତୀୟ ଆୟୁର୍ବେଦ ଦିବସରେ ଓଡ଼ିଶା ପ୍ରାଦେଶିକ ଆୟୁର୍ବେଦ ସମ୍ମିଳନୀ ଓ ଅଖିଳ ଭାରତୀୟ ଆୟୁର୍ବେଦ ମହାସମ୍ମିଳନ, ନୂଆଦିଲ୍ଲୀ ପକ୍ଷରୁ ରେଡ୍‌କ୍ରସ ଭବନ, ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁଝରର ବୈଦ ବିଶାରଦ ହରେକୃଷ୍ଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପାରମ୍ପରିକ ଚିକିତ୍ସା ଶୈଳୀ ଆପଣାଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ପରିବେଶ ସନ୍ତୁଳନ, ଔଷଧୀୟ ବୃକ୍ଷ ଚାଷ, ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ଡା. ଧନେଶ୍ୱର ବଳିୟାରସିଂହ, ସମ୍ପାଦକ ଡା. ଶରତ ରାଉତଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହଲିଙ୍ଗ ମାନପତ୍ର, ପୁରସ୍କାର ରାଶି ପ୍ରଦାନ କରିଥିଲେ।

## ମୟୂରଭଞ୍ଜ

# ଜଗଦ୍ଧାତ୍ରୀ ମେଳାରେ ନେପାଳର ଜାନକୀ ମନ୍ଦିର

ବାରିପଦା,୬ା୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ନିର୍ମାଣାଧୀନ ଜାନକୀ ମନ୍ଦିର ତୋରଣ।

ମୟୂରଭଞ୍ଜ ଜିଲାର କଳା ଓ ସଂସ୍କୃତିକୁ ନେଇ ବିଭିନ୍ନ ପର୍ବପର୍ବାଣୀରେ ଦେଶ ବିଦେଶର ପ୍ରମୁଖ ମନ୍ଦିର, ଐତିହ୍ୟ ଓ ପ୍ରସୋଦର ଅବିକଳ ତୋରଣ ନିର୍ମାଣ କରାଯାଇଥାଏ । ଚଳିତ ବର୍ଷ ଜଗଦ୍ଧାତ୍ରୀ ମେଳାରେ ନେପାଳ ଦେଶ ଜନକ ରାଜାଙ୍କ ଜାନକୀ ମନ୍ଦିର ତୋରଣ ନିର୍ମାଣ କରାଯାଇଛି। ଯାହାକି ମୁଖ୍ୟ ଆକର୍ଷଣ ହେବ ବୋଲି ଆୟୋଜକମାନେ କହିଛନ୍ତି। ଲକ୍ଷ ଲକ୍ଷ ଲୋକେ ଏହି କଳାକୃତିକୁ ଦେଖିବା ସହିତ ପୂଜା ଓ ମେଳାର ଆନନ୍ଦ ଉଠାଇବା ପାଇଁ ବ୍ୟାପକ ଆୟୋଜନ କରାଯାଇଥିବା କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ବାରିପଦା ସହରସ୍ଥିତ ଭଞ୍ଜପୁରଠାରେ ଆସନ୍ତା ୧୩ତାରିଖରୁ ଆରମ୍ଭ ହୋଇ ୨୮ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ମା' ଜଗଦ୍ଧାତ୍ରୀଙ୍କ ୭୨ତମ ପୂଜା ସହ ୩୦ତମ ମେଳା ଅନୁଷ୍ଠିତ ହେଉଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ଭିନ୍ନ ଆକର୍ଷଣକୁ ନେଇ କମିଟି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜାନକୀ ମନ୍ଦିର ତୋରଣ ନିର୍ମାଣ କାର୍ଯ୍ୟ ଦିନରାତି ଚାଲୁ ରହିଥିବା ବେଳେ ରଙ୍ଗବେରଙ୍ଗର ଆଲୋକ ସାଜସଜ୍ଜା ଆରମ୍ଭ ହୋଇଛି । ୨୦ଲକ୍ଷ ଟଙ୍କା ଅଟକଳରେ ପଶ୍ଚିମବଙ୍ଗର ୭୦ରୁ ଉର୍ଦ୍ଧ୍ୱ କାରିଗରଙ୍କ କୌଶଳରେ ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅନ୍ୟପକ୍ଷରେ ୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମେଳା ପରିସରକୁ ଆଲୋକରେ ସୁସଜ୍ଜିତ କରାଯାଉଛି। ନଭେମ୍ବର ୧୦ରୁ ମା'ଙ୍କ ପୂଜା ରୀତିନୀତି ଅନୁଯାୟୀ ଆରମ୍ଭ ହେବାକୁ ଯାଉଛି। ଭକ୍ତମାନେ ମା'ଙ୍କ ଦର୍ଶନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ଆନନ୍ଦ ପାଇପାରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସୁନାମଧନ୍ୟ ଜାତୀୟ ସ୍ତରର କଣ୍ଠଶିଳ୍ପୀମାନେ ନିଜର କଳା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମେଳାରେ ଜିଲା ତଥା ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ମୋଟ ୨୫୦ଟି ଷ୍ଟଲ ପ୍ରଦର୍ଶିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମର, ଛଉ, ଆଦିବାସୀ, ସମ୍ବଲପୁରୀ ମେଲୋଡି, ଭଜନ ତଥା ଆଧୁନିକ ନୃତ୍ୟ ପରିବେଷିତ ହେବ। ଏଥି ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍ ଓ ଗୀତ ପ୍ରତିଯୋଗିତା ୭ରୁ ୯ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ସାମାଜିକ କାର୍ଯ୍ୟକ୍ରମ କରାଯିବ। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ସିସିଟିଭି କ୍ୟାମେରା, ଅଗ୍ନି ନିର୍ବାପକ ଯନ୍ତ୍ର, ଟ୍ରାଫିକ ବ୍ୟବସ୍ଥା ଓ ପାର୍କିଂ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ପୂଜା ଓ ମେଳା କମିଟି ପକ୍ଷରୁ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରୟାସ ଜାରି ରହିଛି। କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ମେଳାର ଅଧ୍ୟକ୍ଷ ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ଉପ ସଭାପତି କଳିଙ୍ଗ କେଶରୀ ଜେନା, ଜ୍ଞାନେନ୍ଦ୍ର ଦାଶ, ପ୍ରୀତମ ପଣ୍ଡା, ମାନସ ମହାନ୍ତି ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ାଉ, ୪ ଗିରଫ

ମୋରଡ଼ା,୬ା୧୧(ସ୍ମାରକ ମାଜୀ)



ଗିରଫ ଅଭିଯୁକ୍ତମାନେ।

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାର୍ତ୍ତିକ ଦାସ,ମାଳତୀ ମହାନ୍ତ, ଗୌରୀ ମହାନ୍ତ ଏବଂ ମାଇସା ସୋରେନ। ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ସୂଚନା ମୁତାବକ, ଶୁଖିଲାଖାଲି ଗ୍ରାମରେ ବେଆଇନ ଭାବେ ଚାଲିଥିବା ଏକ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା। ସେଠାରେ ୨୧୦୦ ଲିଟର ମହୁଲ ପୋଚ ନଷ୍ଟ କରାଯିବା ସହ ୮୦ ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି ବ୍ଲକର ବଡ଼ଜାମବଣି,ଜାମଶୁଳି ଗ୍ରାମରେ ଚଢ଼ାଉ କରି ୯୨ ଲିଟର ଦେଶୀ ମଦ ଜବତ ହୋଇଛି।

# ୩୮ ନୂତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଠାକୁରମୁଣ୍ଡା,୬ା୧୧(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ଓ ଠାକୁରମୁଣ୍ଡା ପ୍ରାଥମିକ ଶିକ୍ଷକ ସଂଗଠନର ମିଳିତ ସହଯୋଗରେ ଠାକୁରମୁଣ୍ଡା ବ୍ଲକରେ ନୂତନ ଭାବରେ ଯୋଗ ଦେଇଥିବା ୩୮ ଜଣ କନିଷ୍ଠ ଶିକ୍ଷୟତ୍ରୀଶିକ୍ଷକଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଠାକୁରମୁଣ୍ଡା ବିଇଓଙ୍କ କାର୍ଯ୍ୟାଳୟ ପରିସରଙ୍ଗରେ ଅୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏବିଇଓ ସନ୍ତୋଷ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଇଓ ରାମଚନ୍ଦ୍ର ନାଏକ ଓ ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଅଧିକାରୀ ଦିଲ୍ଲୀପ ଧଳ ଓ ସଂଯୁକ୍ତା ନାୟକ ଯୋଗ ଦେଇଥିଲେ। ଏଥି ସହିତ ନୂତନ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅତିଥି ମାନେ ମାର୍ଗଦର୍ଶନ କରିଥିଲେ। ଭଲ ଶିକ୍ଷକଟିଏ ହୋଇ ଠାକୁରମୁଣ୍ଡା ଅଞ୍ଚଳର ଗରିବ, ଆଦିବାସୀ ଓ ଦଳିତ ପିଲାଙ୍କର ଉନ୍ନତି ପାଇଁ କାମ କରିବାକୁ ଅତିଥିମାନେ ମତପୋଷଣ କରିଥିଲେ। ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମହାନ୍ତ, ନୟନ ପଣ୍ଡା, ତରଣୀସେନ ନାଏକ, ଅରୁଣ ପଲେଇ, ଚିତ୍ତରଞ୍ଜନ ବେହେରା, ଜୟନ୍ତୀ ପଣ୍ଡା, ଲୁମେଶ୍ୱରୀ ନାଏକ, ପ୍ରଦ୍ୟୁମ୍ନ ବାରିକ, ପ୍ରଶାନ୍ତ ପାତ୍ର, କର୍ଣ୍ଣକୁମାର ରାଜ, ଚକ୍ରଧର ସାହୁ, ଚିତ୍ରେଶ୍ୱର ମହାନ୍ତଙ୍କ ସମେତ ସମସ୍ତ ସିଆରସିସି ପରିଚାଳନାରେ ସହଯୋଗ କରିଥିଲେ। ରୁଦ୍ର ମହାନ୍ତ ଧନ୍ୟବାଦ ଦେଇଥିଲେ।

# 'ପ୍ରତିଯୋଗିତାମୂଳକ ପରୀକ୍ଷାରେ ସହାୟକ ହେବ ଜିଲା ପାଠାଗାର'

ବାରିପଦା,୬ା୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବାରିପଦାସ୍ଥିତ ସଂସ୍କୃତି ଭବନ ପରିସରରେ ଜିଲା ପାଠାଗାରର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ମେଧାବୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ସମସ୍ତ ସୁବିଧା କରାଯିବା ସହିତ ପ୍ରତିଯୋଗିତା ମୂଳକ ପାଠ୍ୟପୁସ୍ତକ ଉପଲବ୍ଧ କରାଯିବ। ପାଠିକା ପାଠକ ଏବଂ ଯୁବବର୍ଗଙ୍କ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଜିଲା ପାଠାଗାର ସହାୟକ ହୋଇପାରିବ ବୋଲି ଜିଲାପାଳ ହେମକାନ୍ତ ସୟ କ୍ଷେତ୍ର ପରିଦର୍ଶନ କରି କହିଛନ୍ତି ।

ବାରିପଦାସ୍ଥିତ ଜିଲା ସଂସ୍କୃତି ଭବନ ପରିସରରେ ଥିବା ପାଠାଗାରକୁ ଜିଲା ପାଠାଗାର ରୂପେ ପୁନଃନିର୍ମାଣ କରାଯାଉଛି। ପାଠାଗାରକୁ ଯୁଗୋପଯୋଗୀ କରିବା ପାଇଁ ଇଣ୍ଟରନେଟ୍ ବ୍ୟବସ୍ଥା, ଜିଲାର କଳା, ସଂସ୍କୃତି ଓ ପରମ୍ପରାର ଇତିହାସ, ଜିଲାର ଭୌଗଳିକ ସ୍ଥିତି, ରାଜ୍ୟ ଓ ଦେଶ ବିଦେଶର ବିଭିନ୍ନ ପୁସ୍ତକ ଏଠାରେ ରଖାଯିବ। ଏହା ବ୍ୟତୀତ ୟୁପିଏସ୍‌ସି, ଓପିଏସସି, ବ୍ୟାଙ୍କିଙ୍ଗ, ରେଳୱେ ଆଦି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରତିଯୋଗିତା ମୂଳକ ପୁସ୍ତକର ବ୍ୟବସ୍ଥା କରାଯାଉଛି। ପାଠ୍ୟ ପୁସ୍ତକ ବ୍ୟତୀତ ବିଭିନ୍ନ ପତ୍ର ପତ୍ରିକା, ଉପନ୍ୟାସ, ଖବରକାଗଜ ନିର୍ଦ୍ଦ୍ୱନ୍ଦ୍ୱରେ ପଢ଼ିବାକୁ ସୁଯୋଗ ପ୍ରଦାନ କରାଯିବ। ଏହା ଦ୍ୱାରା ଗରିବ ଓ ମେଧାବୀ ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ କ୍ଷମତା ବିକାଶରେ ସହାୟକ ହେବା ସହ ରାଜ୍ୟ ବାହାରୁ ପାଠପଢ଼ିବାକୁ ଆସୁଥିବା ବିଦ୍ୟାର୍ଥୀମାନେ ମଧ୍ୟ ବିଶେଷ ଉପକୃତ ହୋଇପାରିବେ ବୋଲି ଜିଲାପାଳ ଆଶା ପ୍ରକଟ କରିଛନ୍ତି ।

ସୂଚନା ଅନୁଯାୟୀ, ୨୦୦୮ରୁ ଉକ୍ତ ପାଠାଗାରଟି କାର୍ଯ୍ୟକାରୀ ହୋଇଥିବା ବେଳେ ପାଠ୍ୟପୁସ୍ତକ ଅଭାବରୁ ବିଦ୍ୟାର୍ଥୀମାନେ ମୁହଁ ଫେରାଉଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଏହାର ପୁନଃ ନିର୍ମାଣ ସହ ନୂତନ ଶୈଳୀରେ ପୁନର୍ବିନ୍ୟାସ କରିବାକୁ କାର୍ଯ୍ୟାରମ୍ଭ କରିଛନ୍ତି। ସେହିପରି କିଛି ମାସ ପୂର୍ବରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧୀନରେ ଥିବା ପାଠଗାରକୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିରେ ନିର୍ମିତ ହୋଇଥିବା ଗୋପବନ୍ଧୁ ଭବନ ପରିସରକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ମଧ୍ୟ ଛାତ୍ରୀଛାତ୍ରମାନେ ନିୟମିତ ଭାବେ ବସି ପ୍ରତିଯୋଗିତାମୂଳକ ପାଠପଢ଼ିବାର ସୁଯୋଗ ପାଇପାରୁଛନ୍ତି। ଜିଲା ପାଠାଗାର ନିର୍ମାଣ କାର୍ଯ୍ୟ ଜିଲାପାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଥିବା ବେଳେ ସମସ୍ତ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଆରମ୍ଭ କରାଯାଇଛି। ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ବହୁ ଛାତ୍ରୀଛାତ୍ର ନିଜର ଉଜ୍ଜଳ ଭବିଷ୍ୟତ ଗଠନ କରିବା ଦିଗରେ ଏହା ସମ୍ପୂର୍ଣ୍ଣ ସହାୟକ ହୋଇପାରିବ ବୋଲି ଜିଲାବାସୀ ଆଶା ପ୍ରକଟ କରିଛନ୍ତି ।

# ମୁଣ୍ଡାରୀ କଳାକାର ସମ୍ମିଳନୀ

ବାରିପଦା,୬ା୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସମ୍ମିଳନୀ କକ୍ଷରେ ମୁଣ୍ଡାରୀ ୟୁଟୁବର, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନର ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ରାଜ୍ୟର ଅନେକ ମୁଣ୍ଡାରୀ ୟୁଟୁବର, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଲକ୍ଷୀରାମ ସିଂହ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଆସୋସିଏସନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସଭାପତି ରବୀନ୍ଦ୍ର ନାଥ ସିଂହ ଜାଳେଆ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ମୁଣ୍ଡାରୀ କଳାକାର ନାଚ ଗୀତ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହି ଥିଲେ। ପୁରୁଣା ମୁଣ୍ଡାରୀ କଳାକାର ଏବଂ ପ୍ରଡ୍ୟୁସରମାନଙ୍କୁ ସମ୍ମିଳନୀରେ ସମ୍ମାନିତ କରା ଯାଇଥିଲା । ମୁଣ୍ଡାରୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଲକନ ପ୍ରଭୁଦୟାଲ ନାଗ, ଅଭିନେତା ଦଶରଥ ସିଂ, ଲେଖକ ବୀରବଲ ସିଂ, ମଧୁସୂଦନ ସିଂ ଏହି ସମ୍ମିଳନୀରେ ଉପସ୍ଥିତି ରହି ମୁଣ୍ଡାରୀ ଯାତ୍ରା, ଆଲବମ୍ ଏବଂ ଚଳଚିତ୍ର ଅଧିକରୁ ଅଧିକ ମାତ୍ରାରେ କିଭଳି ତିଆରି ହେବା ସହିତ ଉନ୍ନତମାନର ହୋଇ ପାରିବ ତାହା ଉପରେ ମତବ୍ୟକ୍ତ କରିଥିଲେ । କାର୍ଯକ୍ରମରେ 'ଆଖାଳା ମେଠାଓ'ନାମକ ଏକ ମାଗାଜିନ ଅତିଥିମାନଙ୍କ ଦାରା ଉନ୍ମୋଚନ କରା ଯାଇଥିଲା। ଉପ କୋଷାଧକ୍ଷ ରବୀନ୍ଦ୍ର ନାଥ ସିଂ କୋଚା ଧନ୍ୟବାଦ ଦେଇଥିଲେ।




ସମ୍ମିଳନୀରେ ଯୋଗ ଦେଇଥିବା ମୁଣ୍ଡାରୀ କଳାକାରମାନେ।

